# କଟକ ସିଟି



# କାଳ ସାଜିଲା ଅଦିନିଆ ବର୍ଷା
# ଉଜୁଡ଼ିବ ଡାଲି ଫସଲ !

କଟକ, ୨୪ ।୧(ସମିସ)

ରାଜ୍ୟରେ ହୁ ହୁ ହୋଇ ବଢ଼ିଚାଲିଥିବା ଡାଲି ଦର ମଧ୍ୟବିତ ପରିବାରକୁ ବି ବାଧିଲାଣି। ଏପରିକି ଡାଲି କିଣିବାକୁ ମଧ୍ୟବିତ ଡରିଲେଣି। ଓଡ଼ିଶାରେ ସାଧାରଣତଃ ହରଡଡାଲି ବହୁଳ ଭାବେ ବ୍ୟବହାର ହୋଇଥାଏ ହେଲେ ଏହି ଡାଲି ଦର ଏବେ ପାଇକାରୀ ବଜାରରେ କିଲୋ ପ୍ରତି ୧୬୦ ଟଙ୍କା ହେଲାଣି। ଏବେ ଅଦିନିଆ ବର୍ଷା ପାଇଁ ରବି ଋତୁରେ ଜିଲ୍ଲାରେ ହେଉଥିବା ଡାଲି ଜାତୀୟ ଫସଲ ଉଜୁଡିବା ସାର ହୋଇଛି। ମୋଟ ୮୪ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହୋଇଥାଏ। ସମସ୍ତ ୧୪ଟି ଯାକ ବ୍ଲକରେ ରବି ଋତୁରେ ୩୭ ହଜାର ହେକ୍ଟର ଜମିରେ କେବଳ ମୁଗ ଚାଷ କରାଯାଉଥିବା ବେଳେ ୩୮ ହଜାର ହେକ୍ଟର ଜମିରେ ବିରି ଚାଷ କରାଯିବା ପାଇଁ ସ୍ଥିର ହୋଇଥିଲା। ଏହି କ୍ରମରେ ଏବେ ୮୦ପ୍ରତିଶତ ଜମିରେ ଡାଲି ଜାତୀୟ ଫସଲ ହୋଇଛି। କିନ୍ତୁ ଅଦିନିଆ ବର୍ଷା ଏହା ପାଇଁ କାଳ ହୋଇଛି। ଅଦିନିଆ ବର୍ଷା ପରେ ଫସଲକୁ ରୋଗପୋକ ଦାଉ ସାଧିବା ନିସନ୍ଦେହ। ଏଣୁ ଜିଲ୍ଲାରେ ମୁଗ, ବିରି ଡାଲି ଉତ୍ପାଦନ ଏଥର ହ୍ରାସ ପାଇବାର ସମ୍ଭବନା ଦେଖାଯାଇଛି। ରାଜ୍ୟର ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକ ସହରର ମାଲଗୋଦାମରେ ଡାଲି ଦର ବୃଦ୍ଧି ବ୍ୟବସାୟକୁ

**୭୦ହଜାର ହେକ୍ଟରରେ ହୋଇଛି ଚାଷ**

ଗଭୀର ଭାବେ ପ୍ରଭାବିତ କରିଥିବା ପରିଲକ୍ଷିତ ହେଲାଣି। ମାଲଗୋଦାମରେ ଗତ ୮ମାସ ପୂର୍ବରୁ ଡାଲି ଦର କ୍ୱିଣ୍ଟାଲ ପ୍ରତି ୧୦ହଜାରରୁ ୧୨ହଜାର ଟଙ୍କା ଥିବା ବେଳେ ଏବେ ଏହା ୧୬ହଜାର ଛୁଇଁବାକୁ ବସିଲାଣି। ମାଲଗୋଦାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା ହୋଲସେଲ ବଜାରକୁ ସାଧାରଣତଃ ମହାରାଷ୍ଟ୍ରରୁ ବିଭିନ୍ନ ଡାଲି ଆସିଥାଏ। ରାଜ୍ୟର ଉତ୍ପାଦିତ ମୁଗ ଡାଲି ଏଠାରେ ବି ଚାହିଦା ମେଣ୍ଟାଇଥାଏ। ମାଲଗୋଦାମକୁ ଦୈନନ୍ଦିନ ପ୍ରାୟ ୫୦ଟ୍ରକ ଡାଲି ଆସିଥାଏ। ବ୍ୟବସାୟୀଙ୍କ କହିବାନୁସାରେ ଡାଲି ଦର ବଢ଼ିଯିବାରୁ ବେପାର କମିଯାଇଛି। ରାଜ୍ୟରେ ରବି ଋତୁରେ ସାଧାରଣତଃ ମୁଗ ଓ ବିରି ଡାଲି ବହୁଳ ପରିମାଣରେ ଉତ୍ପାଦନ ହୋଇଥାଏ। ଉପକୂଳ ଜିଲ୍ଲା ମାନଙ୍କରେ ବେଶୀ ଏହି ଡାଲି ହୋଇଥାଏ। ଏଥର ଅଦିନିଆ ବର୍ଷା ପାଇଁ ଏହି ଫସଲ ନଷ୍ଟ ହେବ ବୋଲି କୁହାଯାଇଛି। ଏବେ ମୁଗ ଓ ବିରି ଡାଲି ଦର କିଲୋ ପ୍ରତି ୧୨୦ଟଙ୍କା ହୋଇଛି। ସେହିପରି ମସୁର ଡାଲି କିଲୋ ପ୍ରତି ୮୦ରୁ ୯୦ ଟଙ୍କା ଥିବା ବେଳେ ବୁଟ ଡାଲି ଦର ୭୦ଟଙ୍କା ରହିଛି। କୃଷି ବିଭାଗର ତଥ୍ୟ ଅନୁସାରେ ରାଜ୍ୟରେ ବର୍ଷକୁ ମାତ୍ର ଦେଢ଼ ଲକ୍ଷ ଟନ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ବାର୍ଷିକ ଉତ୍ପାଦନ କରିଥାଏ। ହେଲେ ବାର୍ଷିକ ପ୍ରାୟ ୪ଲକ୍ଷଟନରୁ ଅଧିକ ଡାଲି ଲୋକେ ଖାଇଥାନ୍ତି। ଏଥର ଉତ୍ପାଦନ କମିଲେ ପୁଣି ଦର ଆକାଶଛୁଆଁ ହେବ ବୋଲି କୁହାଯାଉଛି।



ସାଧାରଣତନ୍ତ୍ର ଦିବସ ପାଇଁ ବୁଧବାର କଟକ ବାରବାଟୀ ଷ୍ଟାଡିୟମ୍‌ରେ ପରେଡ୍ ଅଭ୍ୟାସ

## ଅନୀଲ ସାମଲ ରୋଟାରୀ ଜିଲ୍ଲା ଗଭର୍ଣ୍ଣର



କଟକ, ୨୪।୧(ସମିସ): କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧ୍ୟକ୍ଷ ଅନୀଲ ସାମଲ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଭାବେ ନିର୍ବାଚିତ ହୋଇଛନ୍ତି। ଶହେରୁ ଅଧିକ କ୍ଲବର ସମର୍ଥନ ପାଇ ବିପୁଳ ସଂଖ୍ୟାରେ ସେ ବିଜୟ ଲାଭ କରିଛନ୍ତି। ରୋଟାରୀ ଜିଲ୍ଲା ସମ୍ମିଳନୀରେ ଅନ୍ତର୍ଜାତୀୟ ସଭାପତି ଗର୍ଡ଼ନ ମାକନାଲି ଏବଂ ଜିଲ୍ଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ତାଙ୍କୁ ସମ୍ମାନିତ କରିଥିଲେ। ଶ୍ରୀ ସାମଲଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି। ଶ୍ରୀ ସାମଲଙ୍କର ରୋଟାରିଆନ ଭାବେ ୨୫ବର୍ଷର ଅଭିଜ୍ଞତା ରହିଛି।

## ପ୍ରଫେସର ପାବକ କାନୁନଗୋଙ୍କୁ ‘ରାଜକିଶୋର ନାୟକ ସ୍ମୃତି ସମ୍ମାନ’



କଟକ, ୨୪।୧(ସମିସ): ବିଶିଷ୍ଟ ଲେଖକ ପ୍ରଫେସର ପାବକ କାନୁନଗୋ ଚଳିତବର୍ଷର ‘ରାଜକିଶୋର ନାୟକ ସ୍ମୃତି ସମ୍ମାନ’ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୯ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନ ଠାରେ ସଂଗ୍ରାମୀ ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ବିଧାୟକ ଓ ବିଶିଷ୍ଟ ଗାନ୍ଧିବାଦୀ ନେତା ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବରେ ପ୍ରଫେସର କାନୁନଗୋଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ‘ଓଡ଼ିଶା ଓ ଗାନ୍ଧୀ’, ‘ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମ ଓ ସ୍ୱରାଜ୍ୟ ଆଶ୍ରମ’ ଆଦି ପୁସ୍ତକ ତାଙ୍କ ସୃଜନୀ ପ୍ରତିଭାର ବଳିଷ୍ଠ ସ୍ୱାକ୍ଷର। ସେ ବିଶିଷ୍ଟ ଲେଖକ, ସ୍ୱାଧୀନତା ସଂଗ୍ରାମୀ, ଜ୍ଞାନମଣ୍ଡଳର ପ୍ରାଣ ପ୍ରତିଷ୍ଠାତା ବିନୋଦ କାନୁନଗୋଙ୍କ ସୁପୁତ୍ର।

## ରଘୁନାଥଜିଉ ଜୁନିୟର କଲେଜରେ ‘ନୂଆ -ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ



କଟକ, ୨୪।୧(ସମିସ): ରଘୁନାଥଜିଉ ଜୁନିୟର କଲେଜରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ନୂଆ -ଓ କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡଃ ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦଯାପିତ ହୋଇଛି। ସରକାରଙ୍କ ପ୍ରୋତ୍ସାହନରେ ଆୟୋଜିତ ହୋଇଥିବା ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଯଥା, ଓଡିଆ ବ୍ୟାକରଣ, ଓଡିଆ ହସ୍ତାକ୍ଷର, ଓଡିଆ ପ୍ରବନ୍ଧ, ଗଳ୍ପ, ଓଡିଆ ଲୋକନୃତ୍ୟ, ଓଡ଼ିଆ ଭଜନରେ କଲେଜର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଓଡିଆ ଭାଷା ସଂସ୍କୃତି ଏବଂ ଓଡିଆ ସଂସ୍କୃତିରେ ଶ୍ରୀ ଜଗନ୍ନାଥ ଶୀର୍ଷକ ଦୁଇଟି ଆଲୋଚନାଚକ୍ର ମଧ୍ୟ ଆୟୋଜିତ କରାଯାଇଥିଲା। ବିଶିଷ୍ଟ ଗବେଷକ ଡଃ ଭାସ୍କର ମିଶ୍ର, ଡଃ ପ୍ରଭାବତୀ ପଣ୍ଡା, ସୁସାହିତ୍ୟିକ ଡଃ ସୁନାମଣୀ ରାଉତ୍, ଡଃ ନିଳିମା ପ୍ରିୟଦର୍ଶିନୀ ଏବଂ ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ବକ୍ତା ଭାବରେ ଯୋଗଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଖ୍ରୀଷ୍ଟ କଲେଜରେ ‘ନୂଆ-ଓ’ କାର୍ଯ୍ୟକ୍ରମ




କଟକ, ୨୪ ।୧(ସମିସ)

ରାଜ୍ୟ ସରକାରଙ୍କ ‘ନୂଆ-ଓ’ ଆଧାରରେ ଖ୍ରୀଷ୍ଟ କଲେଜର ଓଡ଼ିଆ ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଓ ଆଲୋଚନା ଚକ୍ରର ଉଦ୍‌ଯାପନୀ ଉତ୍ସବ କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ମହେଶ୍ୱର ମହାନ୍ତି ଓଡ଼ିଆ ଭାଷାର ଶୁଦ୍ଧଲିଖନ ଓ ଓଡ଼ିଆ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଅଧିକ ସଚେତନ ହେବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ବିକାଶ ଚନ୍ଦ୍ର ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. କୃତିବାସ ଷଡଙ୍ଗୀ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ଦୈତାରୀ ଶୁକ୍ଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ବକ୍ତୃତା, ଗୀତ, ଭଜନ, ଲୋକନୃତ୍ୟ, କବିତା ଆବୃତି ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

ଏଥିସହିତ ‘ଓଡ଼ିଆ ସଂସ୍କୃତି ଓ ସାହିତ୍ୟ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓଡ଼ିଆ ବିଭାଗର ଅଧ୍ୟାପିକା ଡ.ସ୍ମିତା ନାୟକ, ପୀତବାସ ଷଡଙ୍ଗୀ, ଡ. ରୂପାଲି ମହାନ୍ତି, ଶୋଭନ ପଣ୍ଡା, ଡ. ଜେହାରା ଜବୀନ, ଡ. ସାରଦା ପ୍ରସାଦ କର, ଡ. ଦିଲ୍ଲୀପ ବରାଳ, ଡ. ଅଶୋକ ସାହୁ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଜିତା ରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ।

## ମର୍କତନଗର ଆବାସିକ ସଂଘର ଶୋକସଭା

କଟକ, ୨୪ ।୧(ସମିସ): କଟକ ମର୍କତନଗର ଆବାସିକ ସଂଘ ସେକ୍ଟର-୬ ପକ୍ଷରୁ ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଓ ପୂର୍ବତନ ପୁଲିସ ପ୍ରଶାସନିକ ଅଧିକାରୀ ଅନାଦି ସାହୁଙ୍କ ଦେହାନ୍ତରେ ସଭାପତି ଆଇନଜୀବୀ ଦୟାନିଧି ଲେଙ୍କା ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକ ସଭାରେ ମର୍କତନଗର ଆବାସିକ ସଂଘର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ଇଂ. ନିଶାକର ଦାଶ, ବରିଷ୍ଠ ସ୍ତମ୍ଭକାର ଡ଼ଃ ସତ୍ୟ ରାୟ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଡ. ରମେଶ ଚନ୍ଦ୍ର ଦେ, ଡ. ନିରଞ୍ଜନ ମହାନ୍ତି, ଅଜୟ କୁମାର ପତି, ସନ୍ତୋଷ ନନ୍ଦ, ପ୍ରେମାନନ୍ଦ ଦାସ, ବିବେକାନନ୍ଦ ଗୁରୁ, ରାଜେନ୍ଦ୍ର ପ୍ରସାଦ ଦାସ, ଅଭୟ ଲେଙ୍କା, ଆଇନଜୀବୀ ଗଦାଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲା ବିଜେଡିର ନୂତନ ସାଧାରଣ ସମ୍ପାଦକ

କଟକ, ୨୪ ।୧(ସମିସ): ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ଥ ନିମସାହି ଅଞ୍ଚଳର ଚନ୍ଦନ ଦାସଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଜିଲ୍ଲା ବିଜେଡି ସଭାପତି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନିଯୁକ୍ତ କରିଛନ୍ତି। ଏ ନେଇ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ (ସଂଗଠନ) ପ୍ରଶାନ୍ତ ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ପିଠାପୁର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



କଟକ, ୨୪ ।୧(ସମିସ): ପିଠାପୁର ଠାରେ ବିଧାୟକ ପାଣ୍ଠି ଅନୁଦାନରେ ନିର୍ମିତ ମଦନମୋହନ କମ୍ୟୁନିଟି ସେଣ୍ଟରକୁ ଉଦଘାଟନ କରିଛନ୍ତି ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ। ଏହି ଉଦ୍‌ଘାଟନ ଉତ୍ସବକୁ ପୂର୍ବତନ କର୍ପୋରେଟର ତଥା ବିଧାୟକଙ୍କ ପ୍ରତିନିଧି କେଦାର ପୃଷ୍ଟି ପରିଚାଳନା କରିଥିଲେ। ଏହି ଗୋଷ୍ଠୀ ଗୃହର ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ଯୁବନେତା ଦୀପକ ରାଉତ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ କାଳିଆ ଦଳନ ପୂଜା କମିଟି ସଭାପତି ସପନ ବେହେରା, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ, ସନ୍ତୋଷ ରାଉତ, ବସନ୍ତ ଜେନା, ପଦ୍ମଲୋଚନ ମିଶ୍ର, ମନୋରଞ୍ଜନ ମିଶ୍ର, ଓଁକାର ତ୍ରିପାଠୀ, ଅକ୍ଷୟ ଜେନା, ପ୍ରଦୀପ ଖୁଣ୍ଟିଆ, ରଘୁନାଥ ରାଉତ, ଜଗନ୍ନାଥ ରାଉତ, ଅକ୍ଷୟ ପାଇଟଲ, ସଞ୍ଜୟ ପଣ୍ଡା, ଆଲୋକ ରାଉତ, ସ୍ୱର୍ଣ୍ଣପ୍ରଭା ଲେଙ୍କା, ଦୋଳଗୋବିନ୍ଦ ବେହେରା, ବାଳକୃଷ୍ଣ ବେହେରା, ରମାକାନ୍ତ ମହାପାତ୍ର, ମହନି ଜେନା, କାଳନ୍ଦୀ ଖୁଣ୍ଟିଆ, ଜୟନ୍ତୀ ରାଉତ, ଫଗୁମଣି ରାଉତ, ଲିଟନ ଜେନା, ପ୍ରହ୍ଲାଦ ସ୍ୱାଇଁ, ସୁକୁଟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ ଆସୋସିଏସନ୍ ପକ୍ଷରୁ ରକ୍ତଦାନ ଶିବିର




କଟକ, ୨୪।୧(ସମିସ)

ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ହାଇକୋର୍ଟର ୭୫ବର୍ଷ ପୂର୍ତ୍ତି ଅବସରରେ ଏକ ରକ୍ତଦାନ ଶିବିର ବାର୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଉଦଘାଟନ କରିଥିଲେ। ହାଇକୋର୍ଟ ବାର ଆସୋସିଏସନର ସଭାପତି ଧରଣୀଧର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ଦେବାଶିଷ ନନ୍ଦ, ଦେବାଶିଷ ସ୍ୱାଇଁ, ଜାନକୀକାନ୍ତ ମହାପାତ୍ର, ବିଶ୍ୱଜିତ ସାହୁ ଓ ସୁଶ୍ରୀ ଅଙ୍କିତା ତ୍ରିପାଠୀ ଯୋଗଦେଇଥିଲେ। ଏହି ଶିବିରରୁ ମୋଟ ୪୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏସସିବି ମେଡିକାଲ କଲେଜ ଓ ହସପିଟାଲ ରକ୍ତଭଣ୍ଡାରର ଡା.ନିର୍ମଳା ଦାସ, ଡା. ପ୍ରମୋଦ ଦାସ, ସୌଭାଗ୍ୟ ମଞ୍ଜରୀ ଦ୍ୱିବେଦୀ, ଆଇନଜୀବୀ ବିଭୁପ୍ରସନ୍ନ ମହାପାତ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

**କଟକ ଡିସିପି ପଦରୁ ବିଦାୟନେଲେ ପିନାକ**

# ‘କଟକିଆର ପରିଚୟ ନେଇ ଯାଉଛି’

କଟକ, ୨୪।୧(ସମିସ)

‘କଟକରୁ ବଦଳି ହୋଇ ଯାଉଛି। ଖୁବ କମ୍ ଦିନ ଭିତରେ ଏ ସହର ଏତେ ନିଜର ହୋଇଯିବ ବୋଲି କେବେ ଭାବି ନଥିଲି। ଏଠାକାର ଆତ୍ମୀୟତା ମୋତେ ବିଭୋର କରେ। ଜନ୍ମମାଟି ଭବାନୀପାଟଣା ଓ କର୍ମମାଟି କଟକ ସହର ଭିତରେ ଏତେ କିଛି ଫରକ ମୁଁ ପାଇଲି ନାହିଁ। ଏ ସହରକୁ କେବେ ଭୁଲି ହେବନାହିଁ। ଏଠାରୁ ଜଣେ କଟକିଆର ପରିଚୟ ନେଇ ମୁଁ ଯାଉଛି।’ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ପୁରୀ ଜିଲ୍ଲା ଏସ୍‌ପି ଭାବେ ବଦଳି ହୋଇଥିବା କଟକ ଡିସିପି ପିନାକ ମିଶ୍ର ଉପରୋକ୍ତ କଥା କହିଛନ୍ତି।



୨୦୨୨ ମେ’ ୯ ତାରିଖରେ କଟକ ଡିସିପି ଭାବେ ଦାୟିତ୍ୱ ନେଇଥିଲେ ପିନାକ। ପ୍ରାୟ ଦେଢ଼ ବର୍ଷର କାର୍ଯ୍ୟକାଳ ଭିତରେ ସେ ସହରରେ ଅପରାଧିକ କାର୍ଯ୍ୟକଳାପକୁ ହ୍ରାସ କରିବା ଦିଗରେ ଯଥେଷ୍ଟ ଉଦ୍ୟମ କରିଛନ୍ତି। କୋଭିଡ ମହାମାରୀର ପ୍ରକୋପ ସମୟରେ କଟକ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଡିସିପି ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ମଧ୍ୟ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ସେ କୁହନ୍ତି। ଡିସିପି ଶ୍ରୀ ମିଶ୍ର କହିଥିଲେ ଯେ, କଟକକୁ ନୂଆ ଆସିବା ବେଳେ ଅପରାଧୀଙ୍କୁ କଡା ବାର୍ତ୍ତା ଦେଇଥିଲି। ଅପରାଧ ଛାଡ଼, ନଚେତ କଟକ ଛାଡ। ବାସ୍ତବିକ ରୂପରେ କିଛି ଅପରାଧୀ କଟକ ଛାଡ଼ି ଚାଲି ଯାଇଛନ୍ତି। ସଂଘବଦ୍ଧ ଭାବେ କଟକରେ ଚାଲିଥିବା ଅପରାଧକୁ ରୋକିବା ପାଇଁ ଦୃଷ୍ଟି ଦେଇଥିଲି। ଏଥିରେ ମଧ୍ୟ ସଫଳ ହୋଇଛି। ଭାଇଚାରାର ସହର କଟକରେ ଲୋକଙ୍କ ବହୁତ ସମର୍ଥନ ମିଳିଛି। କଟକବାସୀଙ୍କ ନିକଟରେ ଋଣୀ ରହିବି। କଟକ ଦହିବରା ମୋର ଅତିପ୍ରିୟ ହୋଇ ଯାଇଥିଲା। ପୂଜା କମିଟି, ଶାନ୍ତି କମିଟି, ଦୁର୍ଗାପୂଜା, ବାଲିଯାତ୍ରା ସର୍ବୋପରି ୧୨ମାସର ୧୩ପର୍ବକୁ ଯେମିତି ଏଠାରେ ପାଳିଲି ତାହା ମୂଲ୍ୟବାନ ଅଭୁଲା ସ୍ମୃତି ହୋଇ ରହିବ। ମୋ ପରିବାର ସହିତ କଟକ ଯୋଡି ହୋଇଗଲା। କଟକ ମୋର ଦ୍ୱିତୀୟ ଘର ବୋଲି ବିଦାୟୀ ଡିସିପି ଶ୍ରୀ ମିଶ୍ର କୋହଭରା କଣ୍ଠରେ କହିଛନ୍ତି।

## ନିଲମ୍ବନ ହଟିବା ପରେ ମୋକିମଙ୍କ ଜନସମ୍ପର୍କ ଯାତ୍ରା

କଟକ, ୨୪ ।୧(ସମିସ)

ଗତକାଲି କଂଗ୍ରେସ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମଙ୍କ ଉପରୁ ନିଲମ୍ବନ ହଟାଇଥିଲା ବେଳେ ଆଜି ମୋକିମ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। କଟକ ମହାନଗର ନିଗମ ଅନ୍ତର୍ଗତ ୧ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ସ୍ଥାନୀୟ ମୁରବୀ, ଯୁବକ ଓ ମହିଳାଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ଶତାବ୍ଦୀ ବିହାରସ୍ଥିତ ମା ବଗଳାମୁଖୀ ମନ୍ଦିର ବୁଲି ଦେଖିବା ସହ ମନ୍ଦିରର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। ୱାର୍ଡ ଅଞ୍ଚଳରେ ବିଧାୟକ



ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ। କର୍ପୋରେଟର ଭାନୁ ସେନାପତି, କୁନମୁନି ଦାସ, ରମେଶ ସାହୁ, କଳିଙ୍ଗ କିଶୋରୀ ଦାସ, ସରୋଜିନୀ ବାରିକ, ରତ୍ନାକର ବେହେରା, ସନ୍ଧ୍ୟାରାଣୀ ସାହୁ, ଅନିତା କାନୁନଗୋ, ସୁମତି ରଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥଲେ।





# କଟକ ସିଟି

## କମିସନରେଟ୍ ପୁଲିସର ଇନ୍ସପେକ୍ଟରସ୍ତରରେ ଅଦଳବଦଳ

# ବଦଳିଲେ ୨୪ ଥାନାଧିକାରୀ

- କଟକ ୟୁପିଡିର ୧୩;  ଭୁବନେଶ୍ୱର ୟୁପିଡିର ୧୧ ଥାନା
- ୪ ଟ୍ରାଫିକ ଥାନାର ଅଧିକାରୀଙ୍କ ବଦଳି
- ବଦଳିଲେ ଭୁବନେଶ୍ୱର ରିଜର୍ଭ ଇନ୍ସପେକ୍ଟର

ଭୁବନେଶ୍ୱର,୨୪।୧(ସମିସ)

ସାଧାରଣ ନିର୍ବାଚନ ଉପରୁ କମିସନରେଟ୍ ପୁଲିସରେ ବଡ଼ଧରଣ ଅଦଳବଦଳ ହୋଇଛି। ଭୁବନେଶ୍ୱର ସହରାଞ୍ଚଳ ଓ କଟକ ସହରାଞ୍ଚଳରେ ଥିବା ଇନ୍ସପେକ୍ଟର ସ୍ତରରେ ଏହି ବଦଳି ପ୍ରକ୍ରିୟା ସମ୍ପାଦିତ ହୋଇଛି। ଦ୍ୱୈତନଗରୀରର ୨୪ ଥାନାଅଧିକାରୀଙ୍କ ନୂଆ ଥାନାର ଦାୟିତ୍ୱ ମିଳିଛି। ଭୁବନେଶ୍ୱର ୟୁପିଡି ଓ କଟକ ୟୁପିଡିରେ ନୂଆ ଥାନାର ଦାୟିତ୍ୱ ମିଳିଥିବା ଥାନାଧିକାରୀଙ୍କ ମଧ୍ୟରେ କିଛି ନୂଆ ମୁହଁ ରହିଛନ୍ତି। କଟକ ୟୁପିଡିର ୧୩ଜଣ ଓ ଭୁବନେଶ୍ୱର ୟୁପିଡିର ୧୧ଟି ଥାନାର ଅଧିକାରୀଙ୍କୁ ବଦଳ କରାଯାଇଛି। ସେହିପରି ଟ୍ରାଫିକ୍ ଥାନା ଦ୍ୱୈତନଗରୀରେ ଥିବା ୪ଟି ଟ୍ରାଫିକ ଥାନାର ଅଧିକାରୀଙ୍କୁ ବି ବଦଳି କରାଯାଇଛି। ଭୁବନେଶ୍ୱର ରିଜର୍ଭ ଇନ୍ସପେକ୍ଟରଙ୍କୁ ବି ଏଥର ବଦଳି କରାଯାଇଛି। ଏପରିକି ବାବଦରେ ରହି ବାଦ୍ ପଡ଼ିଥିବା କିଛି ଇନ୍ସପେକ୍ଟର ସ୍ତରର ଅଧିକାରୀଙ୍କ ପୁନଶ୍ଚ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଏହି ଅଦଳବଦଳ ପ୍ରକ୍ରିୟାରେ କିଛି ଥାନା ଅଭିଜ୍ଞ ଅଧିକାରୀଙ୍କୁ ବଡ଼ ଦାୟିତ୍ୱ ତୁଲାଇବାର ବି ଦାୟିତ୍ୱ ମିଳିଛି।

| ଇନ୍ସପେକ୍ଟର | ଥିଲେ | ଗଲେ |
|---|---|---|
| ସୁଧାଂଶୁ ଭୁଷଣ ଜେନା | ଲାଲବାଗ୍ | କ୍ୟାପିଟାଲ୍ |
| ଦୁର୍ଗେଶ୍ୱରୀ ପ୍ରଧାନ | ଲାଲବାଗ୍ (ଅତିରିକ୍ତ) | ମହିଳା |
| ରବୀନ୍ଦ୍ର ନାଥ ମେହେର | ଜଗତପୁର | ବାଲିଅନ୍ତା |
| ପ୍ରଦୀପ କୁମାର ଜେନା | କ୍ୟାଣ୍ଟନମେଣ୍ଟ | ଚନ୍ଦକା |
| ପ୍ରଦୀପ୍ତ କିଶୋର ନାୟକ | ବିଡ଼ାନାସୀ | ଧଉଳି |
| ଆକାଶ ଚନ୍ଦ୍ର ରଣା | ବାରଙ୍ଗ | ଟ୍ରାଫିକ-୧ |
| ମନୋଜ ରୋଶନ ବିଲୁଙ୍ଗ | ଏନ୍‌ଏଚ୍ ଟ୍ରାଫିକ | ଟ୍ରାଫିକ-୨ |
| ଶଶିକାନ୍ତ ରାଉତ | ଚାଉଳିଆଗଞ୍ଜ | ବାଲିପାଟଣା |
| କୃପାସିନ୍ଧୁ ବରାଡ | ସିଆର୍‌ଆର୍‌ଆଇ | ଇନ୍‌ଫୋଭ୍ୟାଲି |
| ତୁଷାରକାନ୍ତ ସେଠୀ | ମଧୁପାଟଣା | ଏୟାରଫିଲ୍ଡ |
| ସମିତା ମିଶ୍ର | ଆଇୟୁସିଏଡବ୍ଲ୍ୟୁ | ନନ୍ଦନକାନନ |
| ରେଣୁବାଳା ତ୍ରିପାଠୀ | ଆଇୟୁସିଏଡବ୍ଲ୍ୟୁ (କଟକ) | ଆଇୟୁସିଏଡବ୍ଲ୍ୟୁ |
| ରିନା ମିଶ୍ର | ସଦର ଥାନା (ଅତିରିକ୍ତ) | ଆଇୟୁସିଏଡବ୍ଲ୍ୟୁ |
| ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ | କଟକ ଡିସିପି କାର୍ଯ୍ୟାଳୟ | କ୍ୟାପିଟାଲ୍ (ଅତିରିକ୍ତ) |
| ରଞ୍ଜନ କୁମାର ନାୟକ | କଟକ ଡିସିପି କାର୍ଯ୍ୟାଳୟ | ମଞ୍ଚେଶ୍ୱର (ଅତିରିକ୍ତ) |
| ଅଶୋକ କୁମାର ନାୟକ | ଏୟାର୍‌ଫିଲ୍ଡ | ଏୟାର୍‌ପୋର୍ଟ |
| ଦୁର୍ଗେଶ ନନ୍ଦନ ମହାନ୍ତି | ବିଦ୍ୟୁତ ଥାନା କଟକ | ସ୍ୱତନ୍ତ୍ର ଅପରାଧ ଶାଖା |
| ତେରେସ୍କୋଭା ମହାପାତ୍ର | ଡିସିଆର୍‌ବି | ସାଇବର୍ ଥାନା |
| ଦେବେନ୍ଦ୍ର କୁମାର ବିଶ୍ୱାଳ | ଟ୍ରାଫିକ-୨ | ଚାଉଳିଆଗଞ୍ଜ |
| ଓମ୍‌ପ୍ରକାଶ ମହାନ୍ତି | ବାଲିପାଟଣା | ଜଗତପୁର |
| ଚିତ୍ତରଞ୍ଜନ ରାଉତ | ଧଉଳି | ମଧୁପାଟଣା |
| ଜଗନ୍ନାଥ ମଲ୍ଲିକ | ମୁଖ୍ୟାଳୟ | କଟକ ସଦର |
| ଉମାକାନ୍ତ ସାହୁ | ମୁଖ୍ୟାଳୟ | ମଙ୍ଗଳାବାଗ |
| ଯୁବରାଜ ସ୍ୱାଇଁ | ବାଲିଅନ୍ତା | ବିଡ଼ାନାସୀ |
| ବିଜୟ ବାରିକ | ଇନ୍‌ଫୋଭ୍ୟାଲି | ସିଆର୍‌ଆର୍‌ଆଇ, କଟକ |
| ପ୍ରମୋଦ କୁମାର ପଟ୍ଟନାୟକ | ଡିସିପି କାର୍ଯ୍ୟାଳୟ | କ୍ୟାଣ୍ଟନମେଣ୍ଟ |
| ରାଧାକାନ୍ତ ସାହୁ | ଚନ୍ଦକା | କନ୍ଦରପୁର |
| ବିଶ୍ୱରଞ୍ଜନ | ନାୟକ | ନନ୍ଦନକାନନ, ବାରଙ୍ଗ |
| ଭାଗ୍ୟଶ୍ରୀ ସ୍ୱାଇଁ | ଅପରାଧ ଶାଖା | ମହିଳା ଥାନା (କଟକ) |
| ସନ୍ତୋଷିନୀ ବେହେରା | ଅପରାଧ ଶାଖା | ଆଇୟୁସିଏଡବ୍ଲ୍ୟୁ |
| ରଶ୍ମିତା ଜେନା | ସାଇବର୍ ଥାନା | ୟୁପି ଓ ଟିଟିଆଇ |
| ନିନା | ଡିସିଆର୍‌ବି | ୟୁପି ଓ ଟିଟିଆଇ |
| ଦୁର୍ଗାପ୍ରସାଦ ଜେନା | ଟ୍ରାଫିକ-୨ | ଏନ୍‌ଏଚ୍, ଫୁଲନଖରା |
| ଅସ୍ମିତା ମିଶ୍ର | ଭେରିଫିକେସନ୍ ସେଲ | ଡିଆଇବି,କଟକ |
| ଯୁଧିଷ୍ଠିର ପ୍ରଧାନ | ସିପି ମୁଖ୍ୟାଳୟ | ଆଇବି ସେକ୍ସନ |
| ପଦ୍ମନାଭ ପ୍ରଧାନ | କ୍ୟାପିଟାଲ୍ | ସିପି ମୁଖ୍ୟାଳୟ |
| ସୌମ୍ୟରଞ୍ଜନ ବିଶ୍ୱାଳ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ମାଧବାନନ୍ଦ ବସ୍ତିଆ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ନିରଞ୍ଜନ ଦାସ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ଜୟନ୍ତ ବେହେରା | ଭୁବନେଶ୍ୱର ୟୁପିଡି | ଭୁବନେଶ୍ୱର ୟୁପିଡି |
| ସନ୍ତୋଷ ବେହେରା | ଭୁବନେଶ୍ୱର ୟୁପିଡି | ସ୍ୱତନ୍ତ୍ର ଅପରାଧ ଶାଖା |
| ପ୍ରଫୁଲ୍ଲ କୁମାର ସାହୁ | ଜଟଣୀ ଥାନା (ଆଟାଚ୍) | ଜଟଣୀ (ଅତିରିକ୍ତ) |
| ଅଞ୍ଜଳି ଛୋଟରାୟ | ଭିକ୍ଟର କଣ୍ଟ୍ରୋଲ ରୁମ୍ | ଆଇଏଏଚ୍‌ଟିୟୁ ସେଲ୍ |
| ସନ୍ତୋଷ ଜେନା | ଆଇୟୁସିଏଡବ୍ଲ୍ୟୁ | ଡିସିପି କାର୍ଯ୍ୟାଳୟ (କଟକ) |
| ରାମହରି ସେଠୀ | ଶ୍ରୀଲିଙ୍ଗରାଜ (ଅତିରିକ୍ତ) | ଡିସିପି କାର୍ଯ୍ୟାଳୟ (କଟକ) |
| ଗୋପାଳକୃଷ୍ଣ ଜେନା | କ୍ୟାପିଟାଲ (ଅତିରିକ୍ତ) | ଡିସିପି କାର୍ଯ୍ୟାଳୟ (କଟକ) |
| ରଶ୍ମିରଞ୍ଜନ ମହାପାତ୍ର | ସଦର (କଟକ) | ଡିସିପି କାର୍ଯ୍ୟାଳୟ (କଟକ) |
| ଲୋଲା ବିଜୟରତନମ୍ | ଆର୍‌ଆଇ (ଆର୍‌ଓ) | ୟୁପିଟିଟିଆଇ |
| ଭଗବାନ ପାଣିଗ୍ରାହୀ | ୟୁପିଟିଟିଆଇ | ଆର୍‌ଆଇ (ଆର୍‌ଓ) |

# ଡାକ୍ତର ଭୁବନାନନ୍ଦଙ୍କୁ ଅଶ୍ରୁଳ ବିଦାୟ



କଟକ,୨୪।୧(ସମିସ)

ଅତିପରିଚିତ ଚିକିତ୍ସକ ତଥା ଏସ୍‌ସିବି ମେଡିକାଲର ପୂର୍ବତନ ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣାଙ୍କୁ ଅଶ୍ରୁଳ ବିଦାୟ ଦିଆଯାଇଛି। ବଣିଆସାହି ସ୍ଥିତ ବାସଭବନରୁ ତାଙ୍କ ମୃତଦେହକୁ ସାହି ପରିକ୍ରମା କରାଯିବା ପରେ ବଡ ମେଡିକାଲ ପରିସରକୁ ଅଣାଯାଇଥିଲା। ମେଡିକାଲରେ ଅନେକ ବରିଷ୍ଠ ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଡାକ୍ତର ମହାରଣାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ରବି ମହାରଣା ମୁଖାଗ୍ନି ଦେଇଥିଲେ। ପୂର୍ବତନ ଡିଏମ୍‌ଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି, ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡାକ୍ତର ଏମ୍.ଆର. ପଟ୍ଟନାୟକ, ପୂର୍ବତନ ଅଧୀକ୍ଷକ ଡାକ୍ତର ପ୍ରତାପ ଚନ୍ଦ୍ର ରଥ, ପ୍ରଫେସର ଡାକ୍ତର ଇନ୍ଦୁଭୂଷଣ କର, ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକ, ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା, ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ବଡ ମେଡିକାଲରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏସ୍‌ସିବି ପୁରୁଣା ଅଡିଟୋରିୟମ୍‌ଠାରେ ଏକ ଶୋକସଭା ମଧ୍ୟ ଆୟୋଜିତ ହୋଇଥିଲା। ଏସ୍‌ସିବି ଡିନ୍ ତଥା ଅଧକ୍ଷ ପ୍ରଫେସର ଡାକ୍ତର ପ୍ରସେନ୍‌ଜିତ୍ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ଡାକ୍ତର ବିଦ୍ୟୁତ୍ ଦାସ, ପୂର୍ବତନ ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ, ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ରାଉତ୍‌ରାୟ, ପ୍ରଫେସର ଡାକ୍ତର ନିର୍ମଳ ମହାପାତ୍ର, କୁଳସଚିବ ଡକ୍ଟର ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରେନ ମିତ୍ର କଲେଜରେ ‘ନୂଆ-ଓ’ କାର୍ଯ୍ୟକ୍ରମ

**କଟକ,୨୪।୧(ସମିସ):** ବୀରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଓ ଚେତନା ଦିଗରେ ଆଲୋକପାତ କରିଥିଲେ। ସ୍ୱାମୀ ସମର୍ପଣାନନ୍ଦଜୀ ମହାରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍କଳୀୟ ସଂସ୍କୃତିର ମହାନୀୟତା ବିଷୟରେ ମତବ୍ୟକ୍ତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡଃ ରାଜଶ୍ରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

କଟକ,୨୪।୧(ସମିସ): କଟକ ଖାନନଗର ଅଞ୍ଚଳର ଧର୍ମପରାୟଣ ବ୍ୟକ୍ତି ରାଜକିଶୋର ସାହୁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କମଳା ସାହୁ, ବଡ଼ ପୁଅ ରଞ୍ଜନ



ସାହୁ, ବଡ଼ ବୋହୂ ଗୀତାଞ୍ଜଳି ସାହୁ, ସାନପୁଅ ଅଭିରାମ ସାହୁ, ସାନ ବୋହୂ ରୂପାମୁଦ୍ରା ସାହୁ, ନାତି କୌସ୍ତୁବ୍ ସାହୁ, ପୁତୁରା ଉମାକାନ୍ତ ସାହୁ, ଭାଇବୋହୂ ଆରତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଅଞ୍ଚଳ ପରିକ୍ରମା କରାଯିବା ପରେ ସ୍ୱର୍ଗଧାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ବଡ଼ପୁଅ ରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।

## ବରିଷ୍ଠ ବିଜେଡି ନେତା ଗଣେଶ ସାହୁ ଅସୁସ୍ଥ

### ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମେୟର



କଟକ,୨୪।୧(ସମିସ)

ବିଜୁ ଜନତା ଦଳର ବରିଷ୍ଠ ନେତା ଗଣେଶ ଚନ୍ଦ୍ର ସାହୁ ଅସୁସ୍ଥ ହୋଇ ପଡ଼ିଛନ୍ତି। ୮୭ବର୍ଷୀୟ ଗଣେଶ ନିମୋନିଆରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଶ୍ୱାସ, ନିଶ୍ୱାସ ଜନିତ ସମସ୍ୟା ଦେଖା ଦେଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଛି। କଟକ ମେୟର ସୁବାସ ସିଂହ ବୁଧବାର ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଗଣେଶଙ୍କ ଚିକିତ୍ସା ବ୍ୟବସ୍ଥା ସଂକ୍ରାନ୍ତରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶଯୋଗ୍ୟ, ଜନତା ଦଳର ଜଣେ ଦକ୍ଷ ସଙ୍ଗଠକ ଥିଲେ ଗଣେଶ। ୨୦ବର୍ଷ ଧରି ଜନତା ଦଳର ନଗର ସଭାପତି ଭାବେ ଦାୟିତ୍ୱ ତୁଲାଇ ସହରରେ କଂଗ୍ରେସ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିଥିଲେ। ତିନିଥର ସେ କାଉନସିଲର ଓ ପୌରପାଳିକାର ଉପାଧ୍ୟକ୍ଷ ଥିଲେ। ଏବେ ବିଜୁ ଜନତା ଦଳର ଜଣେ ଆଗଧାଡ଼ିର ନେତା ଭାବେ ସେ ପରିଚିତ। ମେୟର ଭେଟିବା ସମୟରେ ପୁଅ ତଥା ପୂର୍ବତନ କର୍ପୋରେଟର ଦୁର୍ଗାଚରଣ ସାହୁ ଏବଂ ବିଜେଡି କର୍ମୀ ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ଜୟନ୍ତୀ

### ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ କମିଟି

**କଟକ,୨୪।୧(ସମିସ):** ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ କମିଟି ପକ୍ଷରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟିର ଜିଲ୍ଲା ସଭାପତି ଡ. ଦେବାଶିଷ ଆଚାର୍ଯ୍ୟ, ସଂପାଦକ ବବି ବଳବନ୍ତରାୟଙ୍କ ସମେତ ଶିକ୍ଷାବିତ୍ ବିଦ୍ୟୁତ୍ କୁମାରୀ ଲାଲା, ରଞ୍ଜନ ଲେଙ୍କା, ସାମାଜିକ କର୍ମୀ ଡଲି ଦାଶ, ଶର୍ମିଷ୍ଠା ନାଥ, ମଞ୍ଜୁଲତା ଜେନା, ସାହିତ୍ୟିକ ଅକ୍ଷୟ ରାଉଳ, ଚିତ୍ରଶିଳ୍ପୀ ସୁଭ୍ରା ରୟ, କମିଟିର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ନେତାଜୀ ସେତୁ ନିକଟସ୍ଥ ଜୁଡିସିଆଲ ଏକାଡେମୀ ଛକ ଓ ନେତାଜୀ ବସ୍ ଟର୍ମିନାଲ ସମ୍ମୁଖ ମଲାଚଣ୍ଡୀଆ ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ କମିଟି ଦାବି କରିଛି।

### ସିପିଆଇ ପକ୍ଷରୁ ମାଲ୍ୟାର୍ପଣ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ କଲେଜ ଛକ ଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ଜିଲ୍ଲା ସଂପାଦକ ବିନୋଦ ବେହେରା ଓ ନଗର ସଂପାଦକ ପ୍ରସନ୍ନ କୁମାର ମହାପାତ୍ର, ଏଓବିଇଏର ପକ୍ଷରୁ ଅଶୋକ ତାଣ୍ଡି, ଭ୍ରମରବର ସାହୁ, ଶ୍ରମିକ ନେତା ସାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍

ସ୍ୱାଧୀନତା ସଂଗ୍ରାମୀ ମୁକ୍ତି ଯୋଦ୍ଧା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଇପିଏଫ ପେନସନର୍ସ ଆସୋସିଏସନ ପକ୍ଷରୁ କଲେଜ ଛକ ଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘର ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ବିନୋଦ ବେହେରା, ସୁରେଶ ଚନ୍ଦ୍ର ତରାଇ, ଅଲେଖ ଚରଣ ରାଉତ, ରଘୁନାଥ ବରାଳ, ବନମାଳି ବେହେରା, ସୁରେନ୍ଦ୍ର ନାଥ ସାହୁ, କାହ୍ନୁ ମହାନ୍ତି, ସୁଧାଂଶୁ ଶେଖର ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ପ୍ରଗତି ମଞ୍ଚ

ଓଡିଶା ପ୍ରଗତି ମଞ୍ଚ ତରଫରୁ ନେତାଜୀଙ୍କର ଜୟନ୍ତୀ ପାଳନ କରାଯାଇଥିଲା। ଏହି ପରିପେକ୍ଷୀରେ ମଞ୍ଚର ଆବାହକ ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି କଲେଜଛକ ସ୍ଥିତ ନେତାଜୀଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅତିଥିଭାବେ ଶିକ୍ଷାବିତ ବଂଶୀଧର ପରିଡା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ମଧୁସୂଦନ ଆଇନଜୀବୀ ସଂଘ

ମଧୁସୂଦନ ଆଇନଜୀବୀ ସଂଘ ପକ୍ଷରୁ ଆଇନଜୀବୀ ଗଗନ ବାରିକ, ପ୍ରଭାତ ସାହୁ, ନିରଞ୍ଜନ ବେହେରା, ରୋହିତ ରଞ୍ଜନ ସ୍ୱାଇଁ, ଛାତ୍ରାବାସ କର୍ମଚାରୀ ସଂଘର ଜୟୀରାମ ବାରିକ, ଅମୂଲ୍ୟ ବାରିକ, ଅଜୟ ଦାସ, ରଞ୍ଜିତ ଦାସ, ମଞ୍ଚର ସଦସ୍ୟ ପ୍ରଭାତ ତ୍ରିପାଠୀ, ଅଭିମନ୍ୟୁ ଦାସ, ଅଶୋକ ବାରିକ, ସୁକୁଟା ମନ୍ତ୍ରୀ, ଅଭିଜିତ ସାହୁ, ଶ୍ରୀଧର ରାୟ, ନିରଞ୍ଜନ ପାଢ଼ୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ରାମକୃଷ୍ଣ କୁଟୀର

ଓଡିଆ ବଜାରସ୍ଥିତ ଜାନକୀନାଥ ଭବନରେ ରାମକୃଷ୍ଣ କୁଟୀର ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ପ୍ରିୟରଞ୍ଜନ ମହାପାତ୍ର, ଡ. ଓଁକାର ନାଥ ରାଉତ ଓ ଅନ୍ତେବାସୀମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କୁଟୀରରେ "ଦେଶ ପାଇଁ ନେତାଜୀଙ୍କ ତ୍ୟାଗ ଓ ଅବଦାନ’ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ମୋକିମ ଫାଉଣ୍ଡେସନ୍

ମୋକିମ ଫାଉଣ୍ଡେସନ ପକ୍ଷରୁ ବକ୍ସିବଜାରସ୍ଥିତ ମେଟ୍ରୋ ପ୍ଲାଜା ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରଯାଇଥିଲା। ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ଅବସରପ୍ରାପ୍ତ ଆର୍ମି ଯୋଦ୍ଧାଙ୍କୁ ଅତୁଳନୀୟ ତ୍ୟାଗ ପାଇଁ ବିଧାୟକ ଇଂ ମହମ୍ମଦ ମୋକିମ ସମ୍ମାନିତ କରିଥିଲେ। ଶେଷରେ ନାରୀନେତ୍ରୀ ଗିରିବାଳା ବେହେରା ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରିମ୍ସ ବିଶ୍ୱବିଦ୍ୟାଳୟ




ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଭର୍ଚୁଆଲ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଞ୍ଜନ ସାମଲ, ଡ. ଅନୁରେଖା ନାୟକ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରାଧ୍ୟାପକ ଅଙ୍ଗଦ ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅଧ୍ୟାପକ ଡ. ଅଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ କଟକ ଓଡ଼ିଆ ବଜାର ନେତାଜୀ ସେବା ସଦନ ମେଡିକାଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, କଟକ ମେୟର ସୁବାସ ସିଂ, କଟକ-ବାରବାଟୀ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, କେନ୍ଦ୍ରୀୟ ରେଡ଼କ୍ରସର ନିର୍ଦ୍ଦେଶକ ଡ. ଚନ୍ଦ୍ରିକା ପ୍ରସାଦ ଦାସ ଓ ନିରାମୟର ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ୯୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ, ସାଧାରଣ ସମ୍ପାଦକ ଡ଼କ୍ଟର ପ୍ରଶାନ୍ତ କୁମାର ଦାଶ, ଡ. ବିକାଶ କୁମାର ପ୍ରସାଦ, ଶୈଳେନ୍ଦ୍ର ସ୍ୱାଇଁ, ରାଜା କିଶୋର ସାହୁ, କିଶୋର ଚନ୍ଦ୍ର ଓଝା, ସତ୍ୟ ନାରାୟଣ ମହାନ୍ତି, ରାଜ କିଶୋର ବାଘ, ବିରଞ୍ଚି ମହାରଣା, ଡ. ସୌଦାମିନୀ ନାୟକ, ପୁଷ୍ପିତା ମହାପାତ୍ର, ଜିଆ ସରିଫ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ଏଆଇଡିଏସ୍‌ଓ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିବସ ଉପଲକ୍ଷେ ଆଜି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ଜିଲ୍ଲା କମିଟି ପକ୍ଷରୁ ପୂର୍ବାହ୍ନରେ ସ୍ଥାନୀୟ କଲେଜ ଛକଠାରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଅପରାହ୍ଣରେ କଲେଜ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଇଶା ଧର ସଭାପତିତ୍ୱ କରିଥଲେ। ସମ୍ପାଦକ ତରୁଣସେନ ନାୟକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂହ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ଏହି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।

### ତୁଳସୀ ଫାଉଣ୍ଡେସନ୍

ନେତାଜୀ ଜୟନ୍ତୀ ଉପଲକ୍ଷେ ଅଭିନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ତୁଳସୀ ଫାଉଣ୍ଡେସନ ପକ୍ଷରୁ ଏକ ଶୋଭାଯାତ୍ରା କଲେଜ ଛକ ସ୍ଥିତ ନେତାଜୀ ପ୍ରତିମୂର୍ତ୍ତି ନିକଟରୁ ବାହାରି ଓଡ଼ିଆ ବଜାର ନେତାଜୀ ସଂଗ୍ରହାଳୟ ଠାରେ ପହଞ୍ଚିଥିଲା। ଏଥିରେ ବହୁ ସଂଖ୍ୟାରେ ଯୁବକ ଓ ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ଆଜିର ସମୟରେ ନେତାଜୀଙ୍କ ଜୀବନ ଆଦର୍ଶକୁ ଗ୍ରହଣ କରିବାର ସମୟ ଆସିଛି। ତେଣୁ ଏହି ରାଲି ମାଧ୍ୟମରେ ସମସ୍ତଙ୍କ ମନରେ ଏହି ଭାବନା ଆଣିବା ପାଇଁ ଏହି ଶୋଭାଯାତ୍ରା କରାଯାଇଥିବା ନେଇ ଅରିନ୍ଦମ କହିଥିଲେ।

## ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳବଣ୍ଟନରେ ବିଭ୍ରାଟ

# ପରିବା କ୍ଷେତରେ ଅଦିନିଆ ବନ୍ୟା

ଟିଗିରିଆ, ୨୪ ।୧(ସମିସ)



ଲକ୍ଷ ଲକ୍ଷ ଟଙ୍କାର ରବିଫସଲ ନଷ୍ଟ

ଟିଗିରିଆ ବ୍ଲକ ଦେଇ ନରସିଂହପୁରକୁ ଯାଇଥିବା ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲରେ ଗତ ୩ ଦିନ ଧରି ରେଙ୍ଗାଲୀ ଡ୍ୟାମରୁ ପାଣି ଛଡାଯାଇଛି । ଟିଗିରିଆ ଅଞ୍ଚଳର ଚାଷୀଙ୍କୁ ଏହା ଆନନ୍ଦିତ କରିଛି ହେଲେ ବିନା ସୂଚନାରେ ପାଣି ଛାଡିବା, କେତେକ ସ୍ଥାନରେ ରେଙ୍ଗାଲୀ କେନାଲର ଅସମ୍ପୂର୍ଣ୍ଣ ଖନନ ତଥା ପ୍ରତିରୋଧକ ନ ଥିବା ଏହି ବନ୍ଧରେ ଅତର୍କିତ ପାଣି ଆସିବା ଫଳରେ ଟିଗିରିଆ ତହସିଲ ନିଜିଗଡ଼ ମୌଜାର କେତେକ ଚାଷୀଙ୍କ ରବି ଫସଲରେ ପାଣି ମାଡିଯିବାରୁ ଲକ୍ଷାଧିକ ଟଙ୍କାର ପନିପରିବା ଗଛ ନଷ୍ଟ ହୋଇଥିବା ଜଣାପଡ଼ିଛି । ଏ ସମ୍ପର୍କରେ ବୁଧବାର ରେଙ୍ଗାଲୀର ଖୁଣ୍ଟକଟାସ୍ଥିତ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି । ତେବେ ଅଭିଯୋଗ ପରେ ରେଙ୍ଗାଲୀ ଡ୍ୟାମ କର୍ତ୍ତୃପକ୍ଷ ସମ୍ପୃକ୍ତ ଘଟଣାକୁ ହାଲୁକା ଭାବେ ନେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ ନାହିଁ ସିଧାସଳଖ ମନା କରିଦେବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ମିଳିଥିବା ସୂଚନା ମୁତାବକ ଟିଗିରିଆ ବ୍ଲକର ଚାଷୀମାନଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି । ଦୀର୍ଘଦିନର ଅପେକ୍ଷା ପରେ ରେଙ୍ଗାଲୀ କେନାଲ ଦେଇ ଚାଷୀଙ୍କ କ୍ଷେତକୁ ଜଳସେଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଫଳରେ ବର୍ଷତମାମ କୃଷି ପ୍ରଧାନ ବ୍ଲକ ରୂପେ ପରିଚିତ ଟିଗିରିଆ ବ୍ଲକର ଚାଷୀକୂଳ ଜଳସେଚନ ଜନିତ ସମସ୍ୟାରୁ ମୁକ୍ତି ପାଇଛନ୍ତି । ଏଥିନେଇ ରବିବାର ଠାରୁ ରେଙ୍ଗାଲୀ ଡ୍ୟାମ୍‌ରୁ ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲରେ ପାଣି ଛଡାଯାଇଛି । ମାତ୍ର ବିନା ସୂଚନାରେ କେନାଲରେ ପାଣି ଛଡାଯିବା ଫଳରେ ଏଲଆଣ୍ଡଟି ପକ୍ଷରୁ ଅସମ୍ପୂର୍ଣ୍ଣ ଭାବେ ଥିବା ପାଇପ ଯୋଗେ କେନାଲ ପାଣି ଇତଃସ୍ତତ ଭାବେ ପ୍ରବାହିତ ହେଉଛି । ଚଳିତ ବର୍ଷ ଟିଗିରିଆ ନିଜିଗଡ଼ ମୌଜାର କିଛି ଚାଷୀ ବନ୍ଧତଳେ ଥିବା ମାଳିତୋଟା ଚକରେ ଭେଣ୍ଡି, କାକୁଡି, କଲରା, କୋବି, ବିଲାତି ବାଇଗଣ, ଆଳୁ ଇତ୍ୟାଦି ଲଗାଇଥିଲେ । ମାତ୍ର ଏଲଆଣ୍ଡଟି ପକ୍ଷରୁ ବିଛାଯାଇଥିବା ଭୂତଳ ପାଇପ ଯୋଗେ ଜଳସେଚନ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ କେନାଲରେ ପ୍ରବାହିତ ପାଣି ପରିବା କ୍ଷେତରେ ପ୍ରବେଶ କରି କ୍ଷେତରେ ଲାଗିଥିବା ପରିବା ଗଛକୁ ନଷ୍ଟ କରିଦେଇଛି । ଆଜି ଏଥିନେଇ ଟିଗିରିଆ ନିଜିଗଡ଼ ଅଞ୍ଚଳର ସଞ୍ଜୟ ଗୁରୁ ଓ ଦେବରାଜ ମହାନ୍ତି ନାମକ ଦୁଇଜଣ ଚାଷୀ ଏ ସଂକ୍ରାନ୍ତରେ ଏଲଆଣ୍ଡଟି କର୍ତ୍ତୃପକ୍ଷଙ୍କ ଭେଟି ଲିଖିତ ଅଭିଯୋଗ କରିବାରୁ ସମ୍ପୃକ୍ତ ଅଧିକାରୀ ଜଣଙ୍କ ଏଥିନେଇ କୌଣସି ସାହାଯ୍ୟ କରାଯାଇପାରିବ ନାହିଁ ବୋଲି ସିଧାସିଧା ମନା କରିଦେଇଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ନିରାଶ୍ରୟଙ୍କୁ କମ୍ବଳ ବାଣ୍ଟିଲେ ଛାତ୍ର



**କଟକ, ୨୪।୧(ସମିସ):** ଜଣେ ନବମ ଶ୍ରେଣୀର ଛାତ୍ରଙ୍କ ସେବା ମନୋବୃତ୍ତି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ବର୍ତ୍ତମାନ ପାଗ ପରିବର୍ତ୍ତନ ହୋଇ ପ୍ରବଳ ଶୀତ ହେଉଥିବା ବେଳେ ପରମହଂସ ପଞ୍ଚାୟତର ହଂସନାଥ ମନ୍ଦିର ଓ ନିମେଇସାପୁର ପଞ୍ଚାୟତର ବିରିବାଟି ସ୍ଥିତ ତାରିଣୀ ମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ନିରାଶ୍ରୟଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଏହି ଗରିବଗୁରୁବାଙ୍କ ଦୁଃଖ ଦେଖି ଜଣେ ନାବାଳକ ନିଜ ପକେଟ ଖର୍ଚ୍ଚ ଅର୍ଥରୁ ସଞ୍ଚୟ କରି ରଖିଥିବା ଘଡି ଭାଙ୍ଗି ସେହି ଅର୍ଥରେ କମ୍ବଳ କିଣି ବଣ୍ଟନ କରିଛନ୍ତି । ପରମହଂସ ପଞ୍ଚାୟତର ରଘୁନାଥପୁର (ମହୁରା) ଗ୍ରାମର ତଥା ହଂସନାଥ ନୋଡାଲ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ତଥା ପରମହଂସ ପଞ୍ଚାୟତର ସରପଞ୍ଚ ଅଶୋକ ପାତ୍ରଙ୍କ ପୁତ୍ର ପ୍ରଦ୍ୟୁମ୍ନ ପ୍ରୟାସ ପାତ୍ର । ନବମ ଶ୍ରେଣୀର ଛାତ୍ରଙ୍କ ଏପରି ସେବାକାର୍ଯ୍ୟ ପାଇଁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଉଦ୍ୟାନ କୃଷି ଓ ଦକ୍ଷତା ବିକାଶ କର୍ମଶାଳା



**ଟାଙ୍ଗୀ, ୨୪ ।୧(ସମିସ):** ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ ସଂକ୍ରାନ୍ତ ଏକ କର୍ମଶାଳା ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସହକାରୀ ଉଦ୍ୟାନ ଅଧିକାରୀ ସଂଘମିତ୍ରା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ନାରୀନେତ୍ରୀ ମମତା ଭୂୟାଁ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଓ କହ୍ନେଇପୁର ସରପଞ୍ଚ ଭରତ ବେହେରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ।

## ଯୁବଛାତ୍ର ବିଜେଡି ପକ୍ଷରୁ ଆଲୋଚନାଚକ୍ର




**ଆଠଗଡ଼, ୨୪।୧(ସମିସ):** ନେତାଜୀ ସୁବାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଦର୍ଶନ ସମ୍ପର୍କରେ ଆଠଗଡ଼ ବିଜୁ ଯୁବଛାତ୍ର ଦଳ ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ସାମ୍ୟବାଦ ପ୍ରବକ୍ତା, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ବିଜୟ ବହିଦାର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ମନୋଜ ବେହେରା ଯୋଗଦେଇଥିଲେ । ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୁବ ବିଜେଡି ସଭାପତି ବିନୋଦ ମାଝୀ, ହିମାଂଶୁ ଶେଖର ସ୍ୱାଇଁ, ତୋଫାନ ସାମଲ, ଆଠଗଡ଼ ଏନ୍‌ଏସିର ଛାତ୍ର ବିଜେଡି ସଭାପତି ମହମ୍ମଦ ଖଲ୍ଲିଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶିଳାନ୍ୟାସ ଉତ୍ସବ

**ଚୌଦ୍ୱାର, ୨୪।୧(ସମିସ):** ଚୌଦ୍ୱାର ପୌରପାଳିକା ୧୩ନଂ ଓ ୧୪ନଂ ୱାର୍ଡରେ ୨ଟି ବହୁମୁଖୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୩ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ଗୃହକୁ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସବିତା ନାୟକ, ୧୪ନଂ କାଉନସିଲର ରଞ୍ଜୁଲତା ଦାସ, ୧୩ନଂ ୱାର୍ଡ କାଉନସିଲର ଅଜୟ ବେହେରା ପ୍ରମୁଖ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ପ୍ରକାଶ ସାମଲ, ବିଜୟ ଭୋଳ, ଦୁଃଶାସନ ସାହୁ, ସୁଧାକର ମହାପାତ୍ର, ଶଙ୍କର ସେଠୀ, ପରେଶ ମହାପାତ୍ର, ଲାଲମୋହନ ଚତାରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



## ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ କବିତା ଆସର



କଟକ, ୨୪।୧(ସମିସ)

କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତପାଟଣା ପଞ୍ଚାୟତର ଡିହସାହି ସ୍ଥିତ ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ମାସିକ କବିତା ଆସର ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଚୈତନ୍ୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କବିତା ଆସରକୁ ବିଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ଏଥିରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ପତିତପାବନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ.ବସନ୍ତ କୁମାରୀ ନନ୍ଦ ଓ ସମ୍ମାନିତ ଅତିଥି ଭାବରେ ବିଧୁଭୂଷଣ ମହାନ୍ତି ଓ ଅଶ୍ୱିନୀ ସେଠୀ ଯୋଗଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ରାଜୀବ ଷଡ଼ଙ୍ଗୀ, ମନୋରଞ୍ଜନ ପଣ୍ଡା ଏବଂ ଡେଜି ରାଉତଙ୍କ ସଂଯୋଜନାରେ କବି ସଚ୍ଚିଦାନନ୍ଦ କର, ବ୍ରଜବନ୍ଧୁ ପୃଷ୍ଟି, ନିରୁପମା ସାହୁ, ପ୍ରଜ୍ଞା ପାରମିତା ପ୍ରଧାନ, ରୀତାରାଣୀ ରାଉତ, ସବିତା ମହାପାତ୍ର, ମୈତ୍ରୀ ଭୂଷଣ ଖୁଣ୍ଟିଆ, ଆଦିତ୍ୟ ରଞ୍ଜନ ଦାଶ, ରତନ ମହାନ୍ତି, ସ୍ନେହଲତା ଦ୍ୱିବେଦୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କବି ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭିଷେକ ଜେନା, ରଞ୍ଜିତ ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ ।

## ଖାଦ୍ୟ ଓ ପରିବେଶ ସଂକ୍ରାନ୍ତ କର୍ମଶାଳା ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୨୪।୧(ସମିସ)

ବଡ଼କ୍ଷୀର ପଞ୍ଚାୟତ ସ୍ଥିତ ଗୋପପୁର ଭଗବତୀ ଆଞ୍ଚଳିକ ମଞ୍ଚର ସଂଯୋଜନା ତଥା ସିପିଆର ଇଇସି ଚେନ୍ନାଇ କରୁଣା ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ମିଳିତ ଆନୁକୂଲ୍ୟରେ ଖାଦ୍ୟ ଓ ପରିବେଶ ସମ୍ପର୍କିତ ସବୁଜ ଖାଅ, ସୁସ୍ଥ ରୁହ କର୍ମଶାଳା ଅନୁଷ୍ଠିତ ହୋଇଛି । ଓଡ଼ିଶା ମିଶନ ଶକ୍ତି ସ୍ୱୀକୃତିପ୍ରାପ୍ତ ମଞ୍ଚର ସିଆରପି ଲକ୍ଷ୍ମୀପ୍ରିୟା ବସ୍ତିଆଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ କର୍ମଶାଳାଙ୍କୁ ଉଦଘାଟନ କରି ସବୁଜ ଖାଦ୍ୟ ଓ ପରିବେଶର ସୁସ୍ଥତା ପାଇଁ ବ୍ୟାପକ ଗଛ ଲଗାଇବାକୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ମଞ୍ଚର ଉପଦେଷ୍ଟା ପରିବେଶବିତ୍ ପ୍ରମୋଦ ଦାସଙ୍କ ସଂଯୋଜନାରେ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ. ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରକଳ୍ପ ସହାୟକ ଭରତଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲା ପରିଷଦ ବିପ୍ଳବ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ରାମଚନ୍ଦ୍ର ସାହୁ, ପ୍ରାକ୍ତନ ଜିଲ୍ଲାପରିଷଦ ବିନୋଦ ସାମଲ, ଶିକ୍ଷାବିତ୍ ଜୟଦେବ ସାହୁ, ଡା. ସୁରେନ୍ଦ୍ର ସାଥୁଆ, ନିରଞ୍ଜନ ରାଉଳ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷାବିତ୍ ନରେନ୍ଦ୍ରନାଥ ସାହୁ ଓ ପ୍ରକାଶ କୁମାର ମହାନ୍ତିଙ୍କୁ ଗ୍ରୀନ ୱାରିୟର ପୁରସ୍କାର ୨୦୨୪ ଓ ଦେବରୂପା କର, ଅମ୍ରିତା ସିଂ, ଅଞ୍ଜନା ଶତପଥୀଙ୍କୁ ମହିଳା ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ମଞ୍ଚ ସଭାପତି ନମିତା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ବାଙ୍କୀ, ୨୪।୧(ସମିସ)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଏହି ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିବେ ବୋଲି ସ୍ଥିର କରାଯାଇଛି । ବୈଠକରେ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର୍ ପାଲ୍, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ମେଜର୍ ଡ. ସନ୍ଧ୍ୟାରାଣୀ ମହାନ୍ତି, କ୍ୟାପଟେନ୍ ଗୁରୁବାରି ସାହୁ, ଏନ୍‌ଏସ୍‌ଏସ୍ ଅଫିସର ଅଧ୍ୟାପକ ଯୋଗୀନାଥ ମଲ୍ଲିକ ଓ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ମତାମତ ପ୍ରଦାନ କରିଥିଲେ । ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନରସିଂହପୁର କପ୍; ବ୍ରହ୍ମପୁର ବିଜୟୀ



**ନରସିଂହପୁର, ୨୪।୧(ସମିସ):** ନରସିଂହପୁର କପର ତୃତୀୟ ଲିଗ୍ ମ୍ୟାଚରେ ବ୍ରହ୍ମପୁର ବିଜୟୀ । ନରସିଂହପୁର ବ୍ଲକ ସରଧାପୁର ପଞ୍ଚାୟତର ସମିତିସଭ୍ୟ ଶକ୍ତି ମିଶ୍ର, ସାଗର ସରପଞ୍ଚ ବିନୋଦ ପଣ୍ଡା, ନୂଖାପଡ଼ାର ସମାଜସେବୀ ସରୋଜ ବେହେରା, ସମାଜସେବୀ ବିନୟ ମହାରଣା ଏବଂ ବିଜୁ ଛାତ୍ର ଜନତା ଦଳର ସଭାପତି ଅରୁଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବ୍ରହ୍ମପୁର ଆଲ୍ମା ସ୍ପୋର୍ଟିଂ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୮୫ ରନ କରିଥିଲେ । ଜବାବରେ ପାରାଦୀପ ଡିଆରସି କ୍ଲବ ୧୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୦ ରନ କରିଥିଲା । ଆଜିର ମ୍ୟାଚ୍‌କୁ ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗା ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ସଂଗ୍ରାମ କେଶରୀ ରାଉତ ଓ ମହମ୍ମଦ ଆଜାରୁଦ୍ଦିନ୍ ସ୍କୋରିଂରେ ସାହାଯ୍ୟ କରିଥିଲେ । ରିଙ୍କୁ ରଣା, କାହ୍ନୁଚରଣ ନାୟକ ମ୍ୟାଚର ଧାରା ବିବରଣୀ ଦେଉଥିବା ବେଳେ ବିନାୟକ ପ୍ରଧାନ, ଶେଖ ସବିବ, ହରୁନ୍ ଖାଁ, ଦୌଲତ ଖାଁ, ଗଙ୍ଗା ନାୟକ, ଅକ୍ଷୟ ସାହୁ, ମାଗବୁଲ ଖାଁ, ରମିଜ୍ ଖାଁ, ବନିଲ୍ ସାହୁ, ରାକେଶ ନାୟକ, ପୁପୁନ ସ୍ୱାଇଁ, ରାଜା ମ୍ୟାଚ୍ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ବିଡାନାସୀକୁ ହରାଇ ସେମିରେ ମାର୍ଥାପୁର



**ଟିଗିରିଆ, ୨୪ ।୧(ସମିସ):** ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ମୁନ୍‌ଲାଇଟ ପଡ଼ିଆରେ ଚାଲିଥିବା ୮ମ ଅଂଶୁମାନ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ମାର୍ଥାପୁର କ୍ରିକେଟ ଟିମ୍ ବିପକ୍ଷ କଟକର ବିଡାନାସୀ କ୍ରିକେଟ ଦଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି । ଆଜିର ଖେଳରେ ପ୍ରାକ୍ତନ ସାଂସଦ ସୁବାସ ମହାନ୍ତି ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମାର୍ଥାପୁର ଦଳର ରଜତ ଦାସଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ପୁରସ୍କୃତ କରିଥିଲେ । ଆଜିର ଖେଳକୁ ସତ୍ୟସାଗର ଦାଶ ଓ ସୁକାନ୍ତ ଦାସ ପରିଚାଳନା କରିଥିଲେ ।

## ଉନ୍ନୟନମୂଳକ କାର୍ଯ୍ୟରେ ବିଳମ୍ବ

# କଣ୍ଟାପଡ଼ା ବ୍ଲକ୍ ସମ୍ମୁଖରେ ଧାରଣା



**କଣ୍ଟାପଡ଼ା, ୨୪।୧(ସମିସ):** ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇଦେଇ ଆସୁଛନ୍ତି । ହେଲେ କଣ୍ଟାପଡ଼ା ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି । ଏହାର ପ୍ରତିବାଦରେ ଆଜି ପୂର୍ବାହ୍ନରେ କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢ଼ୀ, ଉତ୍ତାରଣ ସରପଞ୍ଚ ହେମନ୍ତ ମଲ୍ଲିକ, ଅଡଶପୁର ସରପଞ୍ଚ ସୁବ୍ରତ ଦାସ, ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, ଝାରପଡ଼ା ସରପଞ୍ଚ ଇତିଶ୍ରୀ ବେହେରା, ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ, ନୂଆଗାଁ ସରପଞ୍ଚ ସୁପ୍ରିୟା ଭୋଇ, ପୋସ୍ତଳ ସରପଞ୍ଚ ସସ୍ମିତା ଶାସେନୀ, ପାଟସୁନ୍ଦରପୁର ସରପଞ୍ଚ ମାନସୀ ମଲ୍ଲିକ, ସମିତିସଭ୍ୟ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ ଶତାଧିକ ଜନସାଧାରଣ ଧାରଣାରେ ବସିଥିଲେ । କଣ୍ଟାପଡ଼ା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରବି ତପସ୍ୱିନୀ ଦାସ ଦାବିପତ୍ର ଗ୍ରହଣ କରିବା ସହ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରକାଶ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ମାହାଙ୍ଗାରେ ଅର୍ପଣ ରଥକୁ ୨.୨୮ ଲକ୍ଷ ଦାନ

**ମାହାଙ୍ଗା, ୨୪।୧(ସମିସ):** ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା ସମୟରେ ସଂଗୃହିତ ହୋଇଥିବା ଦାନ ଅର୍ଥକୁ ଜିଲ୍ଲା ପ୍ରଶାସନ ଜରିଆରେ ପୁରୀ ଜଗନ୍ନାଥ ପ୍ରଶାସନ ନିମନ୍ତେ ପ୍ରଦାନ କରାଯାଇଛି । ଏହି ଦକ୍ଷିଣା ବାବଦକୁ ମୋଟ ୨ ଲକ୍ଷ ୨୮ ହଜାର ୮ ଶହ ୯ ଟଙ୍କା ଆଦାୟ ହୋଇଥିଲା । ଏହି ଆଦାୟ ଅର୍ଥକୁ ବ୍ଲକ ଚିଠି ନଂ ୨୯/୨୩ରେ ସିଡିଓ କମ ଇଓ ଜିଲ୍ଲା ପରିଷଦ କଟକକୁ ପଠାଯାଇଥିବା ବିଡିଓ ଅମୀୟ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉ କି ହଳଦିଆ ପଞ୍ଚାୟତରେ ସର୍ବାଧିକ ୧୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି ।

## ସାମ୍ବାଦିକ ଅରୁଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ, ୨୪।୧(ସମିସ):** ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ପରଲୋକରେ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନୁଷ୍ଠାନ ସଭାପତି ସୁନୀଲ୍ କୁମାର ମଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଂଯୋଜକ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, କବି ରବିନାରାୟଣ ମଙ୍ଗରାଜ, ପ୍ରେମାନନ୍ଦ ବେହେରା, ସୁରେଶ୍ୱର ବେହେରା, ଚିତ୍ତ ରଞ୍ଜନ ମହାପାତ୍ର, ଡ. ଅରବିନ୍ଦ ନାୟକ ଓ ସଦାଶିବ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଦିଲ୍ଲୀରୁ ୫୦ ଲକ୍ଷ ଟଙ୍କା ଲୁଟ୍ ଘଟଣା

# କଟକରୁ ଧରାପଡ଼ିଲା କୁଖ୍ୟାତ ଲୁଟେରା

- ଲୁଟେରା ସମୟ ଓ ତାର ବାନ୍ଧବୀକୁ କଟକ ଷ୍ଟେସନରୁ କାବୁ କଲା ଆରପିଏଫ୍
- ଦିଲ୍ଲୀ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର



କଟକ,୨୪ା୧(ସମିସ)

ଦିଲ୍ଲୀରୁ ୫୦ ଲକ୍ଷ ଟଙ୍କା ଲୁଟି ଫେରାର ଥିବା କୁଖ୍ୟାତ ଲୁଟେରା ସମୟ ସିଂହକୁ କଟକରୁ ଗିରଫ କରାଯାଇଛି। ଟ୍ରେନରେ ବସି ଯାଉଥିବା ବେଳେ କଟକ ଆରପିଏଫ ଟିମ ଲୁଟେରା ସମୟ ଓ ତାର ବାନ୍ଧବୀକୁ ଗିରଫ କରିଥିଲା। ପରେ ଉଭୟଙ୍କୁ ଦିଲ୍ଲୀ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପକ୍ଷରୁ ଦେଶର ସମସ୍ତ ଆରପିଏଫ ପୋଷ୍ଟକୁ କୁଖ୍ୟାତ ଅପରାଧୀ ସମୟ ସିଂହ(୩୭) ବିଷୟରେ ସୂଚନା ଦିଆଯାଇଥିଲା। କୌଣସି ଏକ ଟ୍ରେନରେ ବସି ସେ ଅନ୍ୟ ରାଜ୍ୟକୁ ଯାଉଥିବା ନେଇ ଅବଗତ କରାଯାଇଥିଲା। ଏହା ସହ ତାର ଫଟୋ ମଧ ପଠାଯାଇଥିଲା। ଏଭଳି ସୂଚନା ପାଇବା ପରେ କଟକ ଆରପିଏଫ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୋଷ୍ଟ ଅଧିକାରୀ ଅନୀଲ ସିଂହଙ୍କ ନେତୃତ୍ୱରେ ଏକ ଟିମ ତୁରନ୍ତ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। କଟକ ଷ୍ଟେସନରେ ଅଟକିଥିବା ଏବଂ ଷ୍ଟେସନକୁ ଆସୁଥିବା ସମସ୍ତ ଟ୍ରେନରେ ଟିକିନିଖି ଯାଞ୍ଚ କରାଯାଇଥିଲା। ଏହି ସମୟରେ ଷ୍ଟେସନର ୩ ନଂ ପ୍ଲାଟଫର୍ମରେ ନୂଆଦିଲ୍ଲୀ ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଆସି ପହଞ୍ଚିଥିଲା। ଉକ୍ତ ଟ୍ରେନ ଯାଞ୍ଚ ସମୟରେ କୋଚ ନଂ ଏ-୨ରେ ଅପରାଧୀ ସମୟ ସିଂହ ଓ ତାର ବାନ୍ଧବୀକୁ ଠାବ କରାଯାଇଥିଲା। ଆରପିଏଫ ଉଭୟଙ୍କୁ କାବୁ କରି ଆଣି ନିଜ ହେପାଜତରେ ରଖିବା ସହ ଘଟଣା ବିଷୟରେ ଦିଲ୍ଲୀ କ୍ରାଇମବ୍ରାଞ୍ଚକୁ ସୂଚନା ଦେଇଥିଲା। ବୁଧବାର ଦିଲ୍ଲୀ କ୍ରାଇମବ୍ରାଞ୍ଚର ଏକ ଟିମ ବିମାନ ଯୋଗେ ଭୁବନେଶ୍ୱର ଓ ପରେ କଟକରେ ପହଞ୍ଚିଥିଲେ। ଏହାପରେ ଆରପିଏଫ ପକ୍ଷରୁ କୁଖ୍ୟାତ ଅପରାଧୀ ସମୟ ସିଂହ ଓ ତାର ବାନ୍ଧବୀକୁ ହସ୍ତାନ୍ତର କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ହେଉଛି, ଅଭିଯୁକ୍ତ ସମୟ ସିଂହ ପୂର୍ବରୁ ଦିଲ୍ଲୀ ପୁଲିସ ବିଭାଗରେ କାର୍ଯ୍ୟରତ ଥିଲା। ପରେ ସେ ଅପରାଧୀକ କାର୍ଯ୍ୟକଳାପରେ ସାମିଲ ହୋଇଥିଲା। କିଛି ଦିନ ପୂର୍ବେ ଦିଲ୍ଲୀ ପଶ୍ଚିମ ବିହାର ଥାନା ଅଞ୍ଚଳରେ ଘଟିଥିବା ୫୦ଲକ୍ଷ ଟଙ୍କା ଲୁଟ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିଲା ସମୟ ସିଂହ। ସେବେଠାରୁ କୁଖ୍ୟାତ ସମୟ ସିଂହ ଦିଲ୍ଲୀ ପୁଲିସକୁ ଚକମା ଦେଇ ଫେରାର ଥିଲା।

## ସାଇବର ଠକଙ୍କ ଜାଲରେ ଡାକ୍ତର

**କଟକ,୨୪ା୧(ସମିସ):** ସହରର ଅନେକ ପ୍ରତିଷ୍ଠିତ ଲୋକଙ୍କୁ ଟାର୍ଗେଟ କରୁଛନ୍ତି ସାଇବର ଠକ। ପୂର୍ବରୁ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି। ଏବେ ସାଇବର ଠକଙ୍କ ଜାଲରେ ଫସିଛନ୍ତି ସିଡିଏର ଜନୈକ ଡାକ୍ତର। ସମ୍ପୃକ୍ତ ଡାକ୍ତରଙ୍କ ନାଁରେ ୫ଟି କ୍ରେଡିଟ କାର୍ଡ ଇସ୍ୟୁ ହେବା ସହିତ ୧୧ଲକ୍ଷ ଟଙ୍କା ହଡପ ହୋଇଛି। ଏ ନେଇ ସାଇବର ଥାନାରେ ଏତଲା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ପୁଲିସ ଖୋଳତାଡ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ, ଡାକ୍ତରଙ୍କର ଆକ୍ସିସ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ୨୦୨୩ରେ ଡାକ୍ତରଙ୍କ ପରିଚୟ ପତ୍ର ବ୍ୟବହାର କରାଯାଇ କେହି ଦୁର୍ବୃତ୍ତ କ୍ରେଡିଟ କାର୍ଡ ଇସ୍ୟୁ କରିଥିଲା। କ୍ରେଡିଟ କାର୍ଡ ଜରିଆରେ ଦୁର୍ବୃତ୍ତ ଜଣକ ଅନଲାଇନ୍ ସପିଂ କରିଥିଲା। ତେବେ ଏହି କିଣାକିଣିର ବିଲ ବାବଦରେ ଅର୍ଥ ଡାକ୍ତରଙ୍କ ଆକାଉଣ୍ଟରୁ ଆପେ ଆପେ କଟିଥିଲା। ମୋଟ ୧୧ଲକ୍ଷ ଟଙ୍କା ଠକେଇ ଶିକାର ହୋଇଥିବା ଜାଣିବା ପରେ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ରୂପାନ୍ତରିତ ଓଡ଼ିଶା ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ



**ମାହାଙ୍ଗା,୨୪ା୧(ସମିସ):** ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୂଚନା ଶିକ୍ଷା ଯୋଗାଯୋଗ ଉପକ୍ରମରେ ଲୋକ କଳାର ପ୍ରୟୋଗ ରୂପାନ୍ତରିତ ଓଡିଶା ବ୍ଲକସ୍ତରୀୟ କଳାକାରମାନଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଳା ଓ ସଂସ୍କୃତି ସଂଘର ସଭାପତି ତଥା ବିଡିଓ ଅମୀୟ ପଣ୍ଡା, ବ୍ଲକ୍ କଳା ସଂସ୍କୃତି ସଂଘର ସଂପାଦକ ତଥା ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ମଲିକ, ବିପିଏମ ରୋଜାଲିନ ଦାସ, ଗାୟତ୍ରୀ ପରିଡା, ସଂଘ ଉପସଭାପତି ହେମନ୍ତ ଦଳେଇ, ହୃଷିକେଶ ବେହେରା, ଅରୁଣଦ୍ୟୟ ପଣ୍ଡା, ତାରାକାନ୍ତ ମହାପାତ୍ର, ନେତ୍ରାନନ୍ଦ ଦାସ, ସୁକାନ୍ତ ମହାରଣା, ଲଲାଟ ସେଠୀ, ମମତା ବେହେରା, ସଦାଶିବ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। କଳାକାରଙ୍କ ବିଭିନ୍ନ ଜନମଙ୍ଗଳ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ରୂପାନ୍ତରିତ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଏହି ଶିବିରରେ ତାଲିମପ୍ରାପ୍ତ ସମସ୍ତ ବର୍ଗର କଳାକାରମାନେ ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ଗ୍ରାମାଞ୍ଚଳରେ ସରକାର ଯୋଜନା ଗୁଡିକ ଲକ୍ଷ୍ୟ ଆଭିମୁଖ୍ୟ ଓ ଉପାଦେୟତା ସଂପର୍କରେ କଳା ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ବୋଲି ବିଡିଓ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ।

## ୧୯୯୬ ବ୍ୟାଚର ବନ୍ଧୁମିଳନ

**ବାଙ୍କୀ,୨୪ା୧(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଉଚ୍ଚବିଦ୍ୟାଳୟ ୧୯୯୬ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ସମାବେଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଓ ମା'ବାଉତୀ ମନ୍ଦିର ପରିସର ମଧ୍ୟରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାପୁଜୀ ଖଟୁଆ, ବ୍ରହ୍ମାନନ୍ଦ ସାହୁ, ଶୁଭେନ୍ଦୁ ମହାପାତ୍ର, ଶୁକଦେବ ଦଳେଇ ଓ ବିକାଶ ବେହେରା ପରିଚାଳନା କରିଥିବା ବେଳେ ସୁଶାନ୍ତ ରାଉଳ, ଅବକାଶ ସାହୁ, ସନ୍ତୋଷ ବେହେରା, ଜୟଶ୍ରୀ ପଣ୍ଡା, ସବିତା ସାହୁ, ମମତ ପଣ୍ଡା, ବିଜୟ ବାରିକ, ସଞ୍ଜୟ ରାଉତ ପ୍ରମୁଖ ଯୋଗଦାନ କରି ନିଜ ନିଜ ଭିତରେ ଭାବର ଆଦାନପ୍ରଦାନ କରିବା ସହିତ ସଂଗୀତ ପରିବେଷଣ କରିଥିଲେ।

## ସ୍ୱୟଂଶ୍ରୀ ମହିଳା ସମବାୟ ସମିତି ବୈଠକରେ ଉତ୍ତେଜନା

**କଟକ,୨୪ା୧(ସମିସ):** ସ୍ୱୟଂଶ୍ରୀ ମହିଳା ସମବାୟ ସମିତିର ସାଧାରଣ ପରିଷଦ ବୈଠକ ବୁଧବାର ସ୍ଥାନୀୟ ସାରଳା ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶତାଧିକ ମହିଳା ସଭ୍ୟା ଯୋଗ ଦେଇଥିଲେ। ତେବେ ଏହି ଅବସରରେ ସମିତିରେ ଆର୍ଥିକ ଅନିୟମିତତା ହେଉଥିବା ଅଭିଯୋଗ ଉଠିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କିଛି ନିର୍ଦ୍ଦିଷ୍ଟ ସଭ୍ୟାଙ୍କ ଟଙ୍କା ଆତ୍ମସାତ କରିଥିବା ଭଳି ସଙ୍ଗୀନ ଅଭିଯୋଗ ଉଠିବା ସହ ହୋହାଲ୍ଲା ହୋଇଥିଲା। ଅନ୍ୟପକ୍ଷରେ ସେଠାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଦେଖାଦେଇଥିଲା। ଏହି ଘଟଣାକୁ ନେଇ କ୍ୟାଣ୍ଟନମେଣ୍ଟ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର ଉଦ୍‌ଯାପିତ




**କଟକ,୨୪ା୧(ସମିସ):** କଟକ ସ୍ଥିତ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ନୂଆ-ଓ ଆନୁକୂଲ୍ୟରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନଚକ୍ର ଅଧ୍ୟକ୍ଷା ଡ. ଦୀପା ନାଗଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ପ୍ରାକ୍ତନ ବିଚାରପତି ରତିକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡିଆ ସାହିତ୍ୟର ଉତ୍ପତ୍ତି, ଅଗ୍ରଗତି ଓ ଓଡିଆ ଭାଷାର ଅସ୍ମିତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଭାଷା ବିଶେଷଜ୍ଞ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ବିଶିଷ୍ଟ ଅତିଥି ଭାବରେ ଲେଖକ ସତ୍ୟ ଦାସ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ କବୟିତ୍ରୀ ଲେଖିକା ସୁଚେତା ନନ୍ଦ, ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସଂପାଦକ ସମରେନ୍ଦ୍ର ପ୍ରାମାଣିକ ଯୋଗଦେଇଥିଲେ। ସଂଯୋଜକ କ୍ୟାପଟେନ ଅକ୍ଷୟ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଯୋଜିକା ଡ. ମଧୁସ୍ମିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୁନିରା ସାଲୀମ ଓ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଡ. ଜଗଦାନନ୍ଦ ମିଶ୍ର, ମାନସ ରଞ୍ଜନ ଆଇଚ, ଡକ୍ଟର ସସ୍ମିତା ପଟ୍ଟନାୟକ, ଡକ୍ଟର ସନ୍ଧ୍ୟା ସାୟାନ୍ତିନି ମହାନ୍ତି, ସ୍ୱପ୍ନାଶ୍ରୀ ଦାସ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି,୨୪ା୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶୁଭ ଶିଳାନ୍ୟାସ କରାଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବଜାରରୁ ଏକ ବିରାଟ ମଟର ସାଇକଲ ରାଲିରେ ବିଧାୟକ ଶ୍ରୀ ଜେନାଙ୍କୁ ପାଛୋଟି ଅଣାଯାଇଥିଲା। ସରପଞ୍ଚ ଲଳିତେନ୍ଦୁ ବିଶୋଇ ଓ ସମିତିସଭ୍ୟ ଆଶିଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ପ୍ରଥମେ ବିଧାୟକ ଶ୍ରୀ ଜେନା ୬କୋଟି ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା ନାହାଳପୁର ଭାୟା ବୋଧଙ୍ଗ ଦେଇ ଦାଉଦପୁରକୁ ଯାଇଥିବା ଏକ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ କରିଥିଲେ। ଏହା ପରେ ୫୦ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ପଞ୍ଚାୟତ କଲ୍ୟାଣ ମଣ୍ଡପ, ୨.୫ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ପଞ୍ଚାୟତ ବ୍ୟାଙ୍କ ସେବା ଗୃହ, ୩.୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ ହୋଇଥିବା ଗଦେଇ ମାଆ ଠାକୁରାଣୀଙ୍କ ସାଂସ୍କୃତିକ ମଣ୍ଡପ ଏବଂ ନଇଁଗୁଆ ଜାଗୁଲାଇ ମନ୍ଦିରରେ ୩୦ଲକ୍ଷ ଅନୁଦାନରେ ନିର୍ମାଣ ହୋଇଥିବା ବିବାହ ମଣ୍ଡପକୁ ଶ୍ରୀ ଜେନା ଉଦଘାଟନ କରିଥିଲେ। ଏହାପରେ ପୂର୍ବତନ ସରପଞ୍ଚ ଦିବାକର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଶ୍ରୀ ଜେନାଙ୍କ ସହିତ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବନେତା ମନୋଜ ସେଠୀ, ବ୍ରଜମୋହନ ପଣ୍ଡା, ଅବୁଲ ମିର୍ଜା ବେଗ, ଗୌରାଙ୍ଗ ସ୍ୱାଇଁ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସହକାରୀ ଯନ୍ତ୍ରୀ ଅନାମଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆମ୍ବ ସଭାପତି ହିମାଂଶୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ବିନା କାରଣରେ ଆଣ୍ଟିବାୟୋଟିକ୍ ଲେଖିବା ମନା

# ମାର୍ଗଦର୍ଶିକା ଜାରିକଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର,୨୪ା୧(ସମିସ):** ରୋଗୀଙ୍କୁ ଆଣ୍ଟି-ବାୟୋଟିକ୍ ଲେଖିବା ସମୟରେ କାରଣ ବା ଯଥାର୍ଥତା ଦର୍ଶାଇବାକୁ ଡ଼ାକ୍ତରମାନଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶିକା ଜାରି କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନର ମୁଖ୍ୟ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଣ୍ଟିବାୟୋଟିକ୍ ରେଜିଷ୍ଟେନ୍ସ (ଏଏମଆର) ଆଧୁନିକ ଔଷଧର ଅନେକ ଲାଭକୁ ବିପଦରେ ପକାଇଥାଏ ଏବଂ ପ୍ରତିରୋଧକ ଜୀବାଣୁଦ୍ୱାରା ହେଉଥିବା ସଂକ୍ରମଣର ପ୍ରଭାବଶାଳୀ ପ୍ରତିରୋଧ ଏବଂ ଚିକିତ୍ସା ପ୍ରତି ବିପଦ ସୃଷ୍ଟି କରିଥାଏ। ଯାହା ଫଳରେ ଦୀର୍ଘ ଦିନ ଧରି ଅସୁସ୍ଥତା ଏବଂ ମୃତ୍ୟୁର ଆଶଙ୍କା ଅଧିକ ଥାଏ। ଆଣ୍ଟି-ବାୟୋଟିକର ଅପବ୍ୟବହାର ଏବଂ ଅତ୍ୟଧିକ ବ୍ୟବହାର ଔଷଧ-ପ୍ରତିରୋଧୀ ଜୀବାଣୁ ସୃଷ୍ଟିର ଅନ୍ୟତମ ମୁଖ୍ୟ କାରକ ପାଲଟିଥାଏ। ମେଡିକାଲ କଲେଜ ଏବଂ ପେରିଫେରିଆଲ ସ୍ୱାସ୍ଥ୍ୟ ଅନୁଷ୍ଠାନର ଡାକ୍ତରମାନେ ପରବର୍ତ୍ତୀ ପିଢ଼ିର ଡାକ୍ତରମାନଙ୍କ ପାଇଁ ଆଣ୍ଟିବାୟୋଟିକର ସଠିକ ବ୍ୟବହାରର ଏକ ଉଦାହରଣ ସୃଷ୍ଟି କରିଛନ୍ତି, ଯେଉଁମାନେ ଅଧିକ ଗମ୍ଭୀର ରୂପରେ ଏହି ସଙ୍କଟର ସମ୍ମୁଖୀନ ହେବେ। ଫାର୍ମାସିଷ୍ଟମାନଙ୍କୁ ଔଷଧ ଏବଂ କସ୍ମେଟିକ୍ ନିୟମର ସିଡ୍ୟୁଲ୍ -୨ ଏବଂ ୩ କାର୍ଯ୍ୟକାରୀ କରିବା ଏବଂ କେବଳ ବୈଧ ପ୍ରେସ୍କ୍ରିପସନ୍‌ରେ ଆଣ୍ଟିବାୟୋଟିକ୍ ବିକ୍ରି କରିବାକୁ ମନେ ପକାଉଥିବା ବେଳେ ସମସ୍ତ ଡାକ୍ତରଙ୍କୁ ଆଣ୍ଟି-ମାଇକ୍ରୋବିୟଲ୍ ଲେଖିବା ସମୟରେ ସେମାନଙ୍କ ଡ଼ାକ୍ତରୀ ଚିଠାରେ ସଠିକ୍ ସଙ୍କେତ ଉଲ୍ଲେଖ କରିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଭାରତ ସରକାରଙ୍କ ଉପରୋକ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଣ୍ଟି-ବାୟୋଟିକ୍ ଲେଖିବା ସମୟରେ ସଠିକ ସଙ୍କେତ, କାରଣ ଓ ଯଥାର୍ଥତା ଉଲ୍ଲେଖ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

## ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**ଟାଙ୍ଗୀ,୨୪ା୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପନୀ ଉତ୍ସବ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଅଜୟ କୁମାର ଦେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ତଥା ପ୍ରତିଷ୍ଠାତା ସଦସ୍ୟ ସୁବୋଧ କୁମାର ସାମଲ, ନାଏବ ସରପଞ୍ଚ ମାନସ ରଞ୍ଜନ ଭଗତ, ବସନ୍ତ ଶତପଥୀ, ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର, ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ଦିବସ ମାନଙ୍କରେ ସାମ୍ବାଦିକ ରବିନାରାୟଣ ଦାସ, ଡ.ଦୀପାୟନ ପଟ୍ଟନାୟକ, ଶିଶୁ ଚଳଚ୍ଚିତ୍ର ନିର୍ମାତା ତ୍ରିଲୋଚନ ଖୁଣ୍ଟିଆ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ନୋଡାଲ୍ ଅଫିସର ସରୋଜିନୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲାବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## କିଶନନଗର କଲେଜ

**କିଶନନଗର :** ଆଜି ସ୍ଥାନୀୟ କିଶନନଗର ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟସ୍ତରରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ 'ଶ୍ରୀଜଗନ୍ନାଥ : ତତ୍ତ୍ୱ ଓ ପରମାର୍ଥ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ପ୍ରଖ୍ୟାତ ସମାଲୋଚକ, ପ୍ରାବନ୍ଧିକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡିଆ ଭାଷା ଓ ସାହିତ୍ୟ ମୁଖ୍ୟ ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ମାନିତ ଆଲୋଚକ ଭାବେ ଅନୁଗୁଳ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର୍ ଚିନ୍ମୟ ପ୍ରଧାନ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ରସ-ରହସ୍ୟ ଉନ୍ମୋଚନ କରିଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ ପୌରହିତ୍ୟ କରିଥିଲେ। ପରେ ପରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଅଧିକାରୀ ଡ. ଅନାଦି ଚରଣ ବରାଳ ଆଲୋଚନାଚକ୍ରର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରଫେସର୍ ଶାରଦା ପ୍ରସନ୍ନ ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ଲୀଜାଲିନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବାଙ୍କୀ :** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ସମନ୍ୱୟ ଚେତନାର ପ୍ରତିଭୂ ଶ୍ରୀ ଜଗନ୍ନାଥ ଶୀର୍ଷକ ଏକ ଆଲୋଚନା ଚକ୍ର କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ସୁଚେତା ରାଉତ, ମୁଖ୍ୟବକ୍ତା ଭାବେ ଭାଗବତ ଚେତନାର ପ୍ରବକ୍ତା ଡ. ବିଜୟଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଅନ୍ୟତମ ସମ୍ମାନୀତ ଅତିଥି ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ମାନୀତ ଅତିଥି ଭାବେ +୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଓ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଯୋଗଦାନ କରି ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ବୈରାଗୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ଉପରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ମହାଦେବ ପ୍ରଧାନ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଅନୀଲ ପ୍ରଧାନ, ଡ. ଅଭିମନ୍ୟୁ ରଣା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡ. ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଲକ୍ଷେଶ୍ୱର ମହିଳା କଲେଜ



**ଫୁଲନଖରା :** କଟକ ମହାନଗର ନିଗମ ଅନ୍ତର୍ଗତ ୫୯ନଂ ୱାର୍ଡସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଯଶୋଧାରା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ହିତେଶ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ଅନସୂୟା ଆ.ର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଅଫିସର ରେଣୁପ୍ରିୟା ପଣ୍ଡା 'ନୂଆ-ଓ' କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମହାନ୍ତି, ଡ. ପ୍ରଣୟ ବଲ୍ଲରୀ ମହାନ୍ତି, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବସ୍ମିତା ମହାପାତ୍ର, ନିରୂପମା ନାୟକ, ହେମନ୍ତ ଦାସ, ଗୌତମ ଚନ୍ଦ୍ର ଦାସ, ହେମନ୍ତ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝାଡେଶ୍ୱରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**ମାହାଙ୍ଗା :** ମାହାଙ୍ଗା ବ୍ଲକ ଝାଡେଶ୍ୱରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନୂଆ-ଓ' ଓ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବରଦା ପ୍ରସାଦ ମିଶ୍ରଙ୍କ ପୋ÷ରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଜ୍ଞାନରଞ୍ଜନ ବିଶାରଦ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପ୍ରାର୍ଥନା ଚ୍ୟାନେଲର ଜ୍ଞାନଗୁରୁ ବିଜେତା ବିକ୍ରମ କେଶରୀ ନାଥ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଆଧ୍ୟାତ୍ମିକ ଜ୍ଞାନ ଓ ସୂଚନାଶୀଳତାର ପ୍ରତିଭା ସଂପର୍କରେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଉତ୍ତମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଗୌତମ ରାଉତ, ଗୁରୁପ୍ରସାଦ ପରିଡା, ଜଗବନ୍ଧୁ ମଲିକ ପ୍ରମୁଖ ଯୋଗଦେଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପିକା କ୍ରୀଷ୍ଣରାଣୀ କଳା ଧନ୍ୟବାଦ ଦେଇଥିଲେ।

## ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ନିଆଳି :** ନିଆଳି ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧ୍ୟକ୍ଷା ସ୍ମିତାରାଣୀ ସିଂହଙ୍କ ସଭାପତିତ୍ୱରେ 'ଡିଜିଟାଲ୍ ଯୁଗରେ ମାତୃଭାଷାର ମହତ୍ତ୍ୱ' ଶିର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଲେଖିକା ପୁଷ୍ପା ପରିଡ଼ା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ରାଜଶ୍ରୀ ସିଂହ ଓ ବଟକୃଷ୍ଣ ସ୍ୱାଇଁ ଯୋଗଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଅବଦୁଲ୍ ଅମିନ୍ ଖାଁନ୍ ସଭା ପରିଚାଳନା କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିବାବେଳେ ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ନିଆଳି ମହାବିଦ୍ୟାଳୟ ଓ ନିଆଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**ନିଆଳି :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୋଜନା ମାଧ୍ୟମରେ ନିଆଳି ମହାବିଦ୍ୟାଳୟ ଓ ନିଆଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭାଗିରଥି ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ କମିଟିର ଆବାହକ ତଥା ପ୍ରଶାସନିକ ଅଧିକାରୀ ଡ. ବିନୋଦ ବିହାରୀ ଦାସ, ନୋଡ଼ାଲ ଅଫିସର ତଥା ଅଧ୍ୟାପିକା ଇପ୍‌ସିତା ଷଡ଼ଙ୍ଗୀ, କୈଳାଶ ଚନ୍ଦ୍ର ପଣ୍ଡା, ଡ଼. ଶ୍ରୀଧର ବାରିକ, ଡ.ତପସ୍ୱିନୀ ନାୟକ, ଅଧ୍ୟାପିକା ପଞ୍ଚାପରମିତା ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ପୁନମ ଧଳ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ନୋଡାଲ ଅଫିସର ଅଧ୍ୟାପକ ହରେକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୧୭ ● ପାଉଣ୍ଡ ୧୦୬.୬୬
- ୟୁରୋ ୯୦.୨୮ ● ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୭୫୦ (ନୂଆଦିଲ୍ଲୀ)
- ରୁପା : ୭୫,୩୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୦୬୦.୦୦
- ନିଫ୍ଟି ୨୧,୪୫୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ସୋନୀର ନିଷ୍ପତ୍ତି ବିରୋଧରେ ଜୀ' ଏନ୍‌ସିଏଲ୍‌ଟିର ଦ୍ୱାରସ୍ଥ

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଜୀ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେଜ୍ (ଜେଡ୍‌ଇଇଏଲ୍) ଓ ସୋନୀ ମିଶ୍ରଣ ଚୁକ୍ତି ରଦ୍ଦ ହେବା ମାମଲା ତୀବ୍ର ହେବାରେ ଲାଗିଛି। ସୋନୀର ଏଭଳି ନିଷ୍ପତ୍ତି ବିରୋଧରେ ଏନ୍‌ସିଏଲ୍‌ଟିରେ ଅଭିଯୋଗ କରିଛି ଜୀ। ଏଥିସହିତ ଚୁକ୍ତି ରଦ୍ଦ ପାଇଁ ଶୁଳ୍କ ଆକାରରେ ସୋନୀର ୭୪୮.୫ କୋଟି ଟଙ୍କାର ଦାବିକୁ ଜବାବ ଦେବାକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଦେଇଛି କମ୍ପାନୀ। ସୋନୀର ଏହି ଦାବିକୁ ନେଇ ଜି ସିଙ୍ଗାପୁର ସ୍ଥିତି ଅନ୍ତର୍ଜାତୀୟ ମଧ୍ୟସ୍ଥା କେନ୍ଦ୍ର(ଏସ୍‌ଆଇଏସି)ର ଦ୍ୱାରସ୍ଥ ହୋଇଛି। ଏହି ଘଟଣା ପରେ ଜୀ ଏଣ୍ଟରଟେନ୍‌ର ଶେୟାର ବଜାରକୁ ସୂଚନା ଦେଇ କହିଛି ଯେ କଲଭର ମ୍ୟାକ୍ସ ଏଣ୍ଟରଟେନ୍‌ମେଣ୍ଟ(ସୋନି ପିକ୍‌ଚର ନେଟୱର୍କ) ଓ ବଙ୍ଗଳା ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ ଲିମିଟେଡ୍(ବିଇପିଏଲ୍) ସହ ଚୁକ୍ତି କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉଛି। ଏଥିସହିତ ମିଶ୍ରଣ ନେଇ ହୋଇଥିବା ଯୋଜନାକୁ କାର୍ଯ୍ୟକାରୀ କରିବାକୁ କମ୍ପାନୀ କହିଛି।

## ରିଲାଏନ୍ସ ଡିଜିଟାଲ ଇଣ୍ଡିଆ ସେଲ୍




**ଭୁବନେଶ୍ୱର,୨୪।୧(ସମିସ):** ଗଣତନ୍ତ୍ର ଦିବସ ଅବସରରେ ଆରମ୍ଭ ହୋଇଛି ରିଲାଏନ୍ସ ଡିଜିଟାଲ ଇଣ୍ଡିଆ ସେଲ୍। ଗ୍ରାହକମାନେ ନିକଟସ୍ଥ ରିଲାଏନ୍ସ ଡିଜିଟାଲ କିମ୍ବା ମାଇଁ ଜିଓ ଷ୍ଟୋରରୁ ସ୍ୱପ୍ନର ଟେକ୍ ସମାଗ୍ରୀ କିଣିପାରିବେ। ଏଥିରେ ଅଗ୍ରଣୀ ବ୍ୟାଙ୍କ କାର୍ଡରେ ୨୬,୦୦୦ ଟଙ୍କା ଯାଏ ଏକ୍ସକ୍ଲୁଶିଭ୍ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ଲାଭ କରିପାରିବେ। ରିଲାଏନ୍ସ ଡିଜିଟାଲ ଇଣ୍ଡିଆ ସେଲ୍ ଚଳିତମାସ ୨୮ ତାରିଖ ଯାଏ ଚାଲିବ। ଏଥିରେ ଟିଭି, ରେଫ୍ରିଜରେଟର, ଲାପ୍‌ଟପ୍, ୱାଶିଂମେସିନ୍ ଏବଂ ଆହୁରି ଅନେକ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ରିଆତି ପାଇପାରିବେ। ୫୫ ଇଞ୍ଚର ଗୁଗୁଲ୍ କ୍ୟୁଏଲ୍‌ଇଡଇ ୩୪,୯୯୦ଟଙ୍କାରୁ ଆରମ୍ଭ ଏବଂ ୭୫ ଇଞ୍ଚର ୟୁଏଚ୍‌ଡି ଗୁଗୁଲ୍ ଟିଭି କ୍ୟାଶ ବ୍ୟାକ୍ ପରେ ୬୬,୯୯୦ (ଟଙ୍କାରୁ ଆରମ୍ଭ ଏବଂ ୨ ବର୍ଷ ୱାରେଣ୍ଟି) ପାଇପାରିବେ। ଏହାଛଡା ଏଥିରେ ୮୪ ଲିଟରର ସାଇଡ୍-ବାଏ-ସାଇଡ୍ ରେଫ୍ରିଜରେଟର ୫୧,୯୯୦ ଟଙ୍କାରୁ ଆରମ୍ଭ ଏବଂ ୮ କେଜିର ଫ୍ରଣ୍ଟ ଲୋଡ୍ ୱାଶିଂ ମେସିନ୍ ଉପରେ ୩୧,୯୯୦ ଟଙ୍କା ଭଳି ଆକର୍ଷଣୀୟ ଅଫର ରହିଛି। ତେବେ ଇଣ୍ଟେଲ କୋର ଅଲ୍ଟ୍ରା ଆସସ୍ ଜେନ୍‌ବୁକ୍ ୧୪ ଲାପ୍‌ଟପ୍‌କୁ ଗ୍ରାହକ ରିଲାଏନ୍ସ ଡିଜିଟାଲ ଇଣ୍ଡିଆ ସେଲ୍‌ରେ ୯୪,୫୦୦ ଟଙ୍କାରୁ ଆରମ୍ଭ ଭଳି ମୂଲ୍ୟରେ ପାଇପାରିବେ।

## ସତର୍କ କରାଇଲା ସିଡିଏସ୍‌ସିଓ

# ଜ୍ୱର, କାଶ, ମଧୁମେହ ଔଷଧ ନମୁନା ପରୀକ୍ଷାରେ ଫେଲ୍

**ବାଡି (ସୋଲାନ୍),୨୪।୧(ଏଜେନ୍ସି)**

ଭାରତକୁ ବିଶ୍ୱର ଫାର୍ମାସୀ କୁହାଯାଏ। ହେଲେ ଦେଶ ମଧ୍ୟରେ ଲୋକଙ୍କୁ ଉତ୍ତମ ମାନର ଔଷଧ ମିଳୁନାହିଁ। ସାଧାରଣ ଜ୍ୱର, ଥଣ୍ଡା କି କାଶ ଟିକିଏ ହେଲେ ଦୀର୍ଘଦିନ ଧରି ଲାଗି ରହୁଛି। ସହଜରେ ଭଲ ହେଉନାହିଁ। ଏହାର ମୁଖ୍ୟ କାରଣ ହେଉଛି ଆମକୁ ଦେଶରେ ନିମ୍ନ ମାନର ଔଷଧ ମିଳୁଛି। ଏହାର ସଦ୍ୟ ଉଦାହରଣ ହେଉଛି ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍‌ସିଓ) ବା କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନର ରିପୋର୍ଟ। ରିପୋର୍ଟରେ ସିଡିଏସ୍‌ସିଓ ପକ୍ଷରୁ ଯାହା କୁହାଯାଇଛି ତାହା ଛାତି ଥରାଇଦେବା ଭଳି। ଅନୁସନ୍ଧାନରେ ହିମାଚଳ ପ୍ରଦେଶର ୨୫ ଫାର୍ମାସ୍ୟୁଟିକାଲ୍ ଶିଳ୍ପରେ ଉତ୍ପାଦିତ ୪୦ଟି ଔଷଧର ନମୁନା ଏବଂ ଇଞ୍ଜେକ୍ସନ୍‌ଗୁଡିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାନକ ପୂରଣ କରୁନାହିଁ। ଥଣ୍ଡା, ଶ୍ୱାସ, ଜ୍ୱର, ମଧୁମେହ, ଉଚ୍ଚ ରକ୍ତଚାପ, ଆଲର୍ଜି, କାଶ, ଆଣ୍ଟିବାୟୋଟିକ୍, ବ୍ରୋଙ୍କାଇଟିସ୍ ଏବଂ ଆମାଶୟ ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧ ଏବଂ ଇଞ୍ଜେକ୍ସନ୍ ଅନ୍ତର୍ଭୁକ୍ତ। ଏହାବ୍ୟତୀତ କ୍ୟାଲସିୟମ ସପ୍ଲିମେଣ୍ଟ ସହିତ ମଲ୍ଟି ଭିଟାମିନ୍ ମଧ୍ୟ ଏହି ନମୁନା ପରୀକ୍ଷାରେ ବିଫଳ ହୋଇଛି।

ସିଡିଏସ୍‌ସିଓ ପକ୍ଷରୁ ଡିସେମ୍ବର ମାସରେ ଏ ନେଇ ଚେତାବନୀ ଦିଆଯାଇଥିଲା। ସେଥିରେ ଯେଉଁସବୁ ଔଷଧର ଖରାପ ମାନ ସମ୍ପର୍କରେ କୁହାଯାଇଥିଲା ସେଗୁଡିକ ହେଉଛି, ମଣ୍ଟେଲୁକାଷ୍ଟ ସୋଡିୟମ ଏବଂ ଲିଭୋସେଟ୍ରିଜିନ୍ ଡାଇହାଇଡ୍ରୋକ୍ଲୋରିଡ୍ ଟାବ୍‌ଲେଟ୍, ଟେଲମିସର୍ଟନ୍ ଟାବ୍‌ଲେଟ୍, ପ୍ରିଗାବଲିନ୍ ଟାବଲେଟ୍, ସାଇପ୍ରୋହେପ୍ଟାଡିନ୍ ଏଚ୍‌ସିଏଲ୍, ଟ୍ରିପସିନ୍, ବ୍ରୋମେଲାଇନ୍ ଏବଂ ରୁଟୋସାଇଡ୍ ଟ୍ରାଇହାଇଡ୍ରେଟ୍ ଟାବଲେଟ୍, ଏ ବ୍ରୋକ୍ସଲ୍। ଏଥିରେ ହାଇଡ୍ରୋକ୍ଲୋରିଡ୍, ଟର୍ବୁଟାଲାଇନ୍ ସଲଫେଟ୍, ଗୁଏଫେନେସିନ୍ ଏବଂ ମେନ୍ଥଲ୍ ସିରପ୍ ଭଳି ଔଷଧ ରହିଛି। ତେବେ ଅନୁସନ୍ଧାନରେ ମିଳିଥିବା ନିମ୍ନମାନର ଔଷଧଗୁଡିକ ହିମଚଳ ପ୍ରଦେଶର ବାଡି, ବାରୋଟିୱାଲା, ନାଲାଗଡ, ସୋଲାନ୍, କାଲା ଆମ୍ବ, ପୱନ୍ତ ସାହେବ, ସଂସାରପୁର ଟେରସ ସ୍ଥିତ ଫାର୍ମାସ୍ୟୁଟିକାଲ୍ କମ୍ପାନୀରେ ଉତ୍ପାଦିତ ହୋଇଥିଲା। ଏହାବ୍ୟତୀତ ଉତ୍ତରପ୍ରଦେଶ, ପଞ୍ଜାବ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମୁମ୍ବାଇ, ତେଲେଙ୍ଗାନା, ଦିଲ୍ଲୀରେ ଅବସ୍ଥିତ ଔଷଧ କମ୍ପାନୀରେ ଉତ୍ପାଦିତ ୩୮ ପ୍ରକାରର ଔଷଧର ନମୁନା ମଧ୍ୟ ଏହି ପରୀକ୍ଷାରେ ବିଫଳ ହୋଇଛି। ଅପରପକ୍ଷେ ବାଡିଠାରେ ପ୍ରସ୍ତୁତ ଆଲାଇନ୍ସ ବାୟୋଟେକ୍ ଦ୍ୱାରା ନିର୍ମିତ ରକ୍ତ ଜମାଟ ବାନ୍ଧିବା ପାଇଁ ହେପାରିନ୍ ସୋଡିୟମ୍ ଇଞ୍ଜେକ୍ସନର ବିଭିନ୍ନ ବ୍ୟାଚ୍‌ର ୮ଟି ନମୁନା ଏଥିରେ ବିଫଳ ହୋଇଛି। ଏପରିକି ହିମାଚଳ ପ୍ରଦେଶରେ ପ୍ରସ୍ତୁତ ଔଷଧଗୁଡିକର ନମୁନା ବାରମ୍ବାର ପରୀକ୍ଷାରେ ବିଫଳ ହେଉଛି। ସିଡିଏସ୍‌ସିଓଙ୍କ ପକ୍ଷରୁ ଡ୍ରଗ୍ ଆଲର୍ଟରେ ନିମ୍ନମାନର ଘୋଷିତ ଔଷଧ ନମୁନା ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ହିମାଚଳର ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡିକରେ ଉତ୍ପାଦିତ ହେଉଛି।




**ପରୀକ୍ଷଣରେ ୭୦ଟି ଔଷଧ ନିମ୍ନମାନର**

**ହିମାଚଳ ପ୍ରଦେଶର ୨୫ ଉଦ୍ୟୋଗରେ ଉତ୍ପାଦିତ ୪୦ ଔଷଧ ନମୁନା ଏବଂ ଇଞ୍ଜେକ୍ସନ୍ ଧାର୍ଯ୍ୟ ମାନକ ପୂରଣରେ ବିଫଳ**

କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଦେଶର ବିଭିନ୍ନ ରାଜ୍ୟରୁ ୧୦୦୮ ଔଷଧର ନମୁନା ସଂଗ୍ରହ କରିଥିଲା। ସେଥିମଧ୍ୟରୁ ପରୀକ୍ଷା ସମୟରେ ୭୮ ଔଷଧ ନିମ୍ନମାନର ଜଣାପଡିଥିବାବେଳେ ୯୩୦ ଔଷଧ ଗୁଣାତ୍ମକ ମାନ ପାସ କରିଥିଲା। ଏହି ଔଷଧଗୁଡିକର ନମୁନା ହିମାଚଳ, ଓଡିଶା, ଅରୁଣାଚଳ ପ୍ରଦେଶ, ମେଘାଳୟ, ସିଡିଏସ୍‌କୋ ବାଡି, ଋଷିକେଶ, ଗାଜିଆବାଦ, ବାଙ୍ଗାଲୋର, କୋଲକାତା, ଚେନ୍ନାଇ, ମୁମ୍ବାଇ, ଗାଜିଆବାଦ, ଅହମ୍ମଦାବାଦ, ହାଇଦ୍ରାବାଦ ଏବଂ ଡ୍ରଗ୍ ବିଭାଗ ଦ୍ୱାରା ପରୀକ୍ଷା କରାଯାଇଥିଲା। ଏହି ଅନୁସନ୍ଧାନ ରିପୋର୍ଟ ସାର୍ବଜନୀନ କରାଯିବା ତଥ୍ୟ ପଦାକୁ ଆସିଛି। ଡେପୁଟି ଡ୍ରଗ୍ କଣ୍ଟ୍ରୋଲର୍ ମନୀଷ କପୁର କହିଛନ୍ତି ଯେ ଡ୍ରଗ୍ ଆଲର୍ଟରେ ଅନ୍ତର୍ଭୁକ୍ତ ସମସ୍ତ ଫାର୍ମାସ୍ୟୁଟିକାଲ୍ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ସମ୍ପୃକ୍ତ ବ୍ୟାଚ୍‌ର ସମସ୍ତ ଷ୍ଟକ୍ ପ୍ରତ୍ୟାହାର କରି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ସେହି ଔଷଧ କମ୍ପାନୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଯାହାର ନମୁନା ବାରମ୍ବାର ବିଫଳ ହେଉଛି ।

## ଚାନେଲ ସହଭାଗୀଙ୍କୁ ଡ୍ରିମ୍ ଟ୍ରିପ୍‌ରେ ଥାଇଲାଣ୍ଡ ନେଲା କାମଧେନୁ ପେଣ୍ଟ୍ସ



**ଭୁବନେଶ୍ୱର,୨୪।୧(ସମିସ):** କାମଧେନୁ ପେଣ୍ଟ୍ସ ଏହାର ବହୁମୂଲ୍ୟ ଚାନେଲ ସହଭାଗୀଙ୍କ ନିମନ୍ତେ ଥାଇଲାଣ୍ଡର ମନୋରମ ବେଳାଭୂମି ସହର ହୁଆ ହିନ୍‌କୁ ଏକ ପ୍ରୋତ୍ସାହନମୂଳକ ପରିବାର ଭ୍ରମଣର ଅବିସ୍ମରଣୀୟ ଟ୍ରିପ୍ ସମାପ୍ତ କରିଛି। ଏହି ଚମତ୍କାର ଆୟୋଜନରେ ଉତ୍ସାହ, ବିଳାସପୂର୍ଣ୍ଣ ଏବଂ ସାଂସ୍କୃତିକ ତଲ୍ଲୀନତାକୁ ନୂଆ ଶିଖରରେ ପହଞ୍ଚାଇବାର ପ୍ରତିଶୃତି ଦେଇଥିଲା, ଯାହା ଏହାକୁ ସାରାଜୀବନ ସ୍ମରଣୀୟ ଯାତ୍ରା କରିଦେଇଛି। ଏହି କାର୍ଯ୍ୟକ୍ରମ ଉଚ୍ଚ ପ୍ରଦର୍ଶନ କରୁଥିବା ଚାନେଲ ସହଭାଗୀଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ପରିବାରଙ୍କ ସହିତ ଆନନ୍ଦ ଉଲ୍ଲାସ ମନାଇବାକୁ ଆୟୋଜିତ କରାଯାଇଥିଲା। ପୂର୍ବତନ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍, ବଲିଉଡରେ ସଂଗୀତ ଜଗତରେ ଶିହରଣ ସୃଷ୍ଟିକାରୀ ସୋନା ମହାପାତ୍ର ଏବଂ ପ୍ରସିଦ୍ଧ ଷ୍ଟାଣ୍ଡଅପ୍ କମେଡିଆନ୍ ଆକାଶ ଗୁପ୍ତା ପ୍ରମୁଖ ସେମାନଙ୍କ ଚମତ୍କାର ପ୍ରଦର୍ଶନ କରି ମଞ୍ଚରେ ନିଜର ଚମତ୍କାରିତା ଦେଖାଇଥିଲେ। ସୁସ୍ମିତା ସେନ୍ ଯୋଗ୍ୟ ବିଜେତା, ଚାନେଲ ସହଭାଗୀ/କର୍ମଚାରୀଙ୍କୁ ସୁନା ଚେନ ଏବଂ ଅନ୍ୟ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ ଏବଂ ସୋନା ମହାପାତ୍ର ନିଜର ଚମତ୍କାର ଲାଇଭ ପ୍ରଦର୍ଶନ ଦ୍ୱାରା ମଞ୍ଚରେ ଜୋସ୍ ଭରିଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁନିଲ ଅଗ୍ରୱାଲ, ଏମ୍‌ଡି ସୌରଭ ଅଗ୍ରୱାଲ ଏବଂ ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚିନ ଅଗ୍ରୱାଲ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ୧୫ଟି ରତ୍ନ ପଥର ଖଣିର ନିଲାମ

**ଭୁବନେଶ୍ୱର,୨୪।୧(ସମିସ) :** ରାଜ୍ୟରେ ୧୫ଟି ରତ୍ନ ପଥର ଥିବା ଖଣିର ନିଲାମ ଅନୁଷ୍ଠିତ ହୋଇଛି। ଏଥିମଧ୍ୟରେ ୧୨ ଅଳଙ୍କାରିକ ପଥର ଖଣି ରହିଥିବାବେଳେ ୨ଟି କ୍ୱାର୍ଜ ଓ ଗୋଟିଏ କ୍ୱାଟାଇଜ୍ ଖଣି ରହିଥିବା ଜଣାପଡିଛି। ଏହିସବୁ ଖଣି ମଧ୍ୟରେ ବାହାରପଡା-ଜାମୁରିହା, ବେତାରସିଂ, ଡାମ୍ବା, ଡେରାବ (ପୂର୍ବ), ଲହୁସାହି, ନୂଆଗାଁ (ନୂଆଗଡ), ତେନ୍ତୁଲିଖୁଣ୍ଟି, ବତୀଘର ଓ ମୁଦ୍ରାଯୋଡି-ପୋଖରିଆ ଖଣି ରହିଛି। ଏହି ସମସ୍ତ ଖଣି ପାଇଁ ଇଲେକ୍‌ଟ୍ରୋନିକ ପ୍ରକ୍ରିୟାରେ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ସଂକ୍ରାନ୍ତୀୟ ସମସ୍ତ ସୂଚନା ଏମଏସଟିସି ୱେବସାଇଟ୍‌କୁ ମିଳିପାରିବ।

ଟେଣ୍ଡରରେ ଅଂଶଗ୍ରହଣକାରୀମାନେ ୱେବସାଇଟ୍‌ରେ ପଞ୍ଜିକୃତ କରିବେ। ସଫଳ ଭାବେ ପଞ୍ଜିକୃତ ହେବାପରେ ଯୋଗ୍ୟ ସଂସ୍ଥାଗୁଡିକୁ ଲଗଇନ୍ ଓ ପାସ୍‌ୱାର୍ଡ ପ୍ରଦାନ କରାଯିବ। ଏହା ଜରିଆରେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡର କାଗଜପତ୍ର ଖରିଦର ଶେଷ ତାରିଖ ଚଳିତବର୍ଷ ଫେବୃୟାରୀ ୨ ରହିଛି। ସେହିଭଳି ଏହାକୁ ଫେବୃୟାରୀ ୯ ତାରିଖ ଅପରାହ୍ନ ୫ଟା ପୂର୍ବରୁ ଦାଖଲ କରିବାକୁ କୁହାଯାଇଛି। ପ୍ରତ୍ୟେକ ଖଣି ପାଇଁ ଟେଣ୍ଡର ପେପରର ମୂଲ୍ୟ ଜିଏସ୍‌ଟି ସମେତ ୫୦ ହଜାର ଟଙ୍କା ପଇଠ କରିବାକୁ ପଡିବ। ।ତେବେ ବତୀଘର କ୍ୱର୍ଜାଟାଇଜ୍ ବ୍ଲକ, ଭାତୁଆବେଡା-ଚିରଙ୍ଗିଡିଡ କ୍ୱାର୍ଜ ବ୍ଲକ ଏବଂ ମୁଦ୍ରାଯୋଡି-ପୋଖରିଆ ବ୍ଲକ ପାଇଁ ଏହି ଦେୟ ଦେବାକୁ ପଡିବନାହିଁ ।ସେହଭଳି କ୍ୱାର୍ଟାଇଜ୍ ଏବଂ କ୍ୱାର୍ଜ ବ୍ଲକ ପାଇଁ ଟେଣ୍ଡର କାଗଜର ମୂଲ୍ୟ ୧୦ହଜାର ଟଙ୍କାର ସହିତ ଜିଏସ୍‌ଟି ପଇଠ କରିବାକୁ ହେବ। ତେବେ ଯେଉଁ ଅଂଶଗ୍ରହଣକାରୀମାନେ ୨୦୨୨ ଅଗଷ୍ଟ ୨୨ରେ ପ୍ରଥମ ପର୍ଯ୍ୟାୟରେ ଏବଂ ୨୦୨୩ ମଇ ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଏଥିପାଇଁ ଟେଣ୍ଡର କାଗଜ ଖରିଦ କରିଥିବେ ସେମାନେ ଚଳିତ ଥର ଟେଣ୍ଡର କାଗଜ ବାବଦ ଦେୟ ପ୍ରଦାନ କରିବେ ନାହିଁ। ଟେଣ୍ଡର ପାଇଁ ତାଲିକାଭୁକ୍ତ ହୋଇଥିବା ମସସ୍ତ ୧୫ଟି ଖଣିରେ ଉଭୟ ଜଙ୍ଗଲ ବିଭାଗ, ସରକାରୀ ଓ ଘରୋଇ କିସମର ଜମି ରହିଛି। ସବୁଠାରୁ ବଡ ଖଣି ଡେରାବ (ପୂର୍ବ) ହୋଇଥିବାବେଳେ ଏଠାରେ ମୋଟ୍ ଜମିର ପରିମାଣ ୮୯ ହେକ୍ଟର ରହିଛି। ଏଥିରେ ସର୍ବାଧିକ ୮୫ ହେକ୍ଟର ଜଙ୍ଗଲ ଜମି ଥିବାବେଳେ ମାତ୍ର ୩ ହେକ୍ଟର ଘରୋଇ କିସମ ଜମି ଥିବା ଜଣାଯାଇଛି।

## କାନାରା ବ୍ୟାଙ୍କର ନେଟ୍ ଲାଭ ୩୬୫୦ କୋଟି ଟପିଲା



ଭୁବନେଶ୍ୱର,୨୪।୧(ସମିସ):କାନାରା ବ୍ୟାଙ୍କ ପକ୍ଷରୁ ଏହାର ଡିସେମ୍ବର ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ବ୍ୟାଙ୍କର ନେଟ୍ ଲାଭରେ ୨୬.୮୬% ବୃଦ୍ଧି ଘଟିଥିବାବେଳେ ବିଶ୍ୱ ବ୍ୟବସାୟରେ ୯.୮୭% ବୃଦ୍ଧି ହୋଇଛି। ଡିସେମ୍ବର ତ୍ରୈମାସିକରେ ବ୍ୟାଙ୍କର ବୈଶ୍ୱିକ ବ୍ୟବସାୟ ୨୨,୧୩,୩୬୦ କୋଟି ଟଙ୍କା ରହିଥିଲା। ୨୦୨୨ ଡିସେମ୍ବର ତ୍ରୈମାସିକର ୨୮୮୨ କୋଟି ଟଙ୍କା ତୁଳନାରେ ବ୍ୟାଙ୍କର ୨୦୨୩ ଡିସେମ୍ବରରେ ନେଟ୍ ଲାଭ ୩୬୫୬ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ବ୍ୟାଙ୍କର ନେଟ୍ ସୁଧ ଆୟରେ ୯.୫୦% ବୃଦ୍ଧି ଘଟି ୯୪୧୭ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ନେଟ୍ ସୁଧ ଲାଭରେ ୯ ବିପିଏସ୍ ବୃଦ୍ଧି ଘଟିଛି। ଅପରପକ୍ଷେ ଡିସେମ୍ବର ତ୍ରୈମାସିକରେ ବ୍ୟାଙ୍କର ମୋଟ ଏନ୍‌ପିଏ ଅନୁପାତରେ ୧୫୦ ବିପିଏସ୍ ହ୍ରାସ ଘଟି ୪.୩୯%କୁ ହ୍ରାସ ଘଟିଛି। ବ୍ୟାଙ୍କ ପକ୍ଷରୁ ବାର୍ଷିକ ଭିତ୍ତିରେ ଖୁଚୁରା ଋଣ ପ୍ରଦାନରେ ୧୨.୧୪% ବୃଦ୍ଧି ଘଟି ୧,୫୩,୬୪୦ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ଗୃହ ଋଣ ପ୍ରଦାନରେ ୧୨.୦୭ ପ୍ରତିଶତ ଅଭିବୃଦ୍ଧି ଘଟି ୯୧,୮୦୦ କୋଟି ଟଙ୍କା ଛୁଇଁଛି।

## ଫିଟ୍‌ଜିର ଆଇଆଇଟି ପ୍ରତିଭା ପରୀକ୍ଷା ପ୍ରକ୍ରିୟା ଆରମ୍ଭ




**ଭୁବନେଶ୍ୱର,୨୪।୧(ସମିସ):** ଫିଟଜି ପୁଣିଥରେ ଏହାର ସମ୍ମାନଜନକ ତଥା ବହୁ ପ୍ରତୀକ୍ଷିତ ପରୀକ୍ଷା, ଆଇଆଇଟି ଜିନିୟସ ଟେଷ୍ଟ ଆୟୋଜନ ହେବାକୁ ଯାଉଛି ଯାହା ୨୮ ଜାନୁଆରି ଓ ୪ ଫେବ୍ରୁଆରୀ ୨୦୨୪ରେ ସାରା ଦେଶରେ ଅଷ୍ଟମରୁ ଏକାଦଶ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଇଁ ଜେଇଇ ମେନ ଓ ଆଡଭାନସ କୋର୍ସକୁ ନେଇ ପରିଚାଳିତ ହେବ। ଆଇଆଇଟି ଜିନିୟସ ଟେଷ୍ଟ ମାଧ୍ୟମରେ ଫିଟଜି ଛାତ୍ର ପ୍ରତିଭାଙ୍କୁ ଅନ୍ୱେଷଣ କରିଥାଏ। ଶୀର୍ଷ ସ୍ଥାନୀୟ ୧୦ ଜଣ ଛାତ୍ରଙ୍କୁ ଏହା ଛାତ୍ରବୃତ୍ତି ପ୍ରଦାନ ସହ ପଢା ଖର୍ଚ୍ଚ ଓ ହଷ୍ଟେଲ ଖର୍ଚ୍ଚ ମଧ୍ୟ ପ୍ରଦାନ କରିଥାଏ। ଏହା ବ୍ୟତୀତ ଗରିବ ପିଲାମାନଙ୍କୁ ମଧ୍ୟ ସମର୍ଥନ କରେ। ଏଠାରେ ଅନୁସନ୍ଧାନ ଭିତିକ ପଦ୍ଧତି ମାଧ୍ୟମରେ ଆଇଆଇଟି ପ୍ରତିଭା ଚିହ୍ନଟ କରାଯାଏ ବୋଲି ବିନୋଦ କୁମାର ଅଗ୍ରୱାଲ, ଦ୍ୱାରକା ସେଣ୍ଟର, ପରିଚାଳନା ପାର୍ଟନର ଓ ହେଡ କହିଛନ୍ତି। ନନ୍ଦନ ମଞ୍ଜୁନାଥ ଇମାଡିସେଟି ଓ ପବନ ଗୋୟଲ ଫିଟଜି ଆଇଆଇଟି ଜିନିୟସ ଭାବରେ ବୃତିର ଅଧିକାରୀ ହୋଇ ମୁମ୍ବାଇଠାରେ ଶିକ୍ଷାଲାଭ କରୁଛନ୍ତି। ନାମ ପଞ୍ଜିକରଣ ଲାଗି ଶେଷ ତାରିଖ ରହିଛି ସଂପୃକ୍ତ ପରୀକ୍ଷାର ଦୁଇଦିନ ପୂର୍ବରୁ। ଏହି ପରୀକ୍ଷାରେ ଭାଗ ନେବା ଲାଗି ଛାତ୍ର ଛାତ୍ରୀ ଫିଟଜିର ଅଫିସ ପରିଦର୍ଶନ କରି ବା ଅନଲାଇନ ଜରିଆରେ ପଞ୍ଜିକରଣ କରିପାରିବେ। ଚୂଡ଼ାନ୍ତ ପରୀକ୍ଷା ଫଳ ୨୯ ମାର୍ଚ୍ଚ ୨୦୨୪ରେ ପ୍ରକାଶ ପାଇବ।

## ଫେବ୍ରୁଆରି ପହିଲାରେ ବଜେଟ

# ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି; ହାଲୱା ଉତ୍ସବ ପାଳିତ

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି)**



ବଜେଟ୍ ପ୍ରେସ୍ ବୁଲି ପ୍ରସ୍ତୁତିର ସମୀକ୍ଷା କଲେ ଅର୍ଥମନ୍ତ୍ରୀ

କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଷାନ୍‌ରାଓ କରାଡ଼ଙ୍କ ଉପସ୍ଥିତିରେ ଆଜି ନର୍ଥ ବ୍ଲକରେ ଅନ୍ତରୀଣ ବଜେଟ୍ ୨୦୨୪ ପାଇଁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟରେ ହାଲୱା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଜେଟ ପ୍ରସ୍ତୁତିର "ଲକ୍-ଇନ୍" ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରତିବର୍ଷ ଏକ ପାରମ୍ପରିକ ହାଲୱା ଉତ୍ସବ ପାଳିତ ହୁଏ। ପୂର୍ବ ତିନୋଟି ପୂର୍ଣ୍ଣାଙ୍ଗ ବଜେଟ୍ ପରି ଅନ୍ତରୀଣ କେନ୍ଦ୍ର ବଜେଟ୍ ୨୦୨୪ ମଧ୍ୟ କାଗଜବିହୀନ ଆକାରରେ ପ୍ରଦାନ କରାଯିବ। ୨୦୨୪ ଫେବ୍ରୁଆରି ପହିଲାରେ ଅନ୍ତରୀଣ କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯିବ।

ବାର୍ଷିକ ଆର୍ଥିକ ବିବରଣୀ (ସାଧାରଣତଃ ବଜେଟ୍ ନାମରେ ପରିଚିତ), ଅନୁଦାନ ଦାବି (ଡିଜି), ଅର୍ଥ ବିଲ୍ ଇତ୍ୟାଦି ସମେତ ସମସ୍ତ କେନ୍ଦ୍ର ବଜେଟ୍ ଦସ୍ତାବିଜ "କେନ୍ଦ୍ର ବଜେଟ୍ ମୋବାଇଲ୍ ଆପ୍" ରେ ଉପଲବ୍ଧ ହେବ, ଯାହା କି ଡିଜିଟାଲ ସୁବିଧାର ସରଳ ରୂପ ବ୍ୟବହାର କରି ସଂସଦ ସଦସ୍ୟ (ସାଂସଦ) ଏବଂ ସାଧାରଣ ଜନତା ଙ୍କ ଦ୍ୱାରା ବଜେଟ୍ ଦସ୍ତାବିଜକୁ ସହଜରେ ଭାବରେ ଉପଲବ୍ଧ କରାଇବ। ଏହା ଦ୍ୱିଭାଷିକ (ଇଂରାଜୀ ଏବଂ ହିନ୍ଦୀ) ଏବଂ ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ହେବ। ଆପ୍ କେନ୍ଦ୍ର ବଜେଟ୍ ୱେବ୍ ପୋର୍ଟାଲ୍ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁଡଟ୍‌ଇଣ୍ଡିଆବଜେଟଡଟ୍‌ଗଭ୍‌ଡଟ୍‌ଇନ୍) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଆସନ୍ତା ଫେବ୍ରୁଆରି ପହିଲାରେ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍ ଭାଷଣ ଶେଷ ହେବା ପରେ ବଜେଟ୍ ଦସ୍ତାବିଜ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ହଲୱା ଉତ୍ସବରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହ ଅର୍ଥ ସଚିବ ତଥା ବ୍ୟୟ ସଚିବ ଡ. ଟି.ଭି. ସୋମନାଥନ୍ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍ ଡିଆଇପିଏଏମ୍ ସମ୍ପାଦକ ତୁହିନକାନ୍ତ ପାଣ୍ଡେ, ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରା; କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ର ଅଧ୍ୟକ୍ଷ ନିତିନ ଗୁପ୍ତା, କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ର ଅଧ୍ୟକ୍ଷ ସଞ୍ଜୟ କୁମାର ଅଗ୍ରୱାଲ, ଅତିରିକ୍ତ ସଚିବ (ବଜେଟ୍) ଆଶିଷ ବଛାନିଙ୍କ ସମେତ ବଜେଟ୍ ପ୍ରସ୍ତୁତି ଓ ସଂକଳନ ପ୍ରକ୍ରିୟାରେ ନିୟୋଜିତ ଅର୍ଥ ମନ୍ତ୍ରଣାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍ ପ୍ରେସ୍ ବୁଲି ପ୍ରସ୍ତୁତି ର ସମୀକ୍ଷା କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସ୍ପର୍ଶ ହସ୍ପିଟାଲ୍‌ରେ ବିରଳ ଅସ୍ତ୍ରୋପଚାର




**ଭୁବନେଶ୍ୱର,୨୪।୧(ସମିସ):** ସ୍ପର୍ଶ ହସ୍ପିଟାଲ୍‌ରେ ଆଉ ଏକ ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ଏହି ଅସ୍ତ୍ରୋପଚାରରେ ଜଣେ ୪୭ବର୍ଷୀୟ ପୁରୁଷ ରୋଗୀର ଜୀବନ ରକ୍ଷା ହୋଇପାରିଛି। ଜଣେ ୪୭ ବର୍ଷୀୟ ବ୍ୟକ୍ତି ଭାରୀ ପଦାର୍ଥ ବହନ କରୁଥିବା ସମୟରେ ଟ୍ରାକ୍ଟରରୁ ଖସିପଡିଥିଲେ ଏବଂ ତାଙ୍କର ଦୁଇହାତରେ ଦୁର୍ବଳତା ଓ ବେକରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ। ବିଭିନ୍ନ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଯାଇ କୌଣସି ସୁଫଳ ନ ପାଇ ଶେଷରେ ସେ ସ୍ପର୍ଶ ହସ୍‌ଟାଲ୍ ଆସିଥିଲେ । ପରୀକ୍ଷା ପରେ ଜଣାପଡିଥିଲା କି ତାଙ୍କର ମେରୁଦଣ୍ଡର ସି୬ ଏବଂ ସି୭ ରେ ହାଡ ଭାଙ୍ଗି ଗୁରୁତର ଭାବେ ବିସ୍ଥାପିତ ହୋଇ ମେରୁଦଣ୍ଡରେ ସଙ୍କୋଚନ ହେଇଯାଇଛି। ଡ଼ା. ସନାତନ ଶତପଥୀ ୩୬୦ଡ଼ିଗ୍ରୀ ଫ୍ୟୁଜନ ସର୍ଜରୀ ପାଇଁ ପରାମର୍ଶ ଦେଇଥିଲେ। ଡ଼ା. ଶତପଥୀ ଏବଂ ତାଙ୍କର ଏକ ୧୨ଜଣିଆ ଟିମ୍ ଏହି ସର୍ଜରୀ କରିଥିଲେ ଯାହାକି ଦୀର୍ଘ ୭ଘଣ୍ଟା ଧରି ଚାଲିଥିଲା। ପ୍ରଥମେ ବେକର ପଛପଟରୁ ଅସ୍ତ୍ରୋପଚାର ଏବଂ ତାପରେ ରୋଗରୀ ଆଗପାଖରୁ ସର୍ଜରୀ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପର୍ଶ ସ୍ୱାସ୍ଥ୍ୟ ଚିକିତ୍ସା ଗ୍ରୁପର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ା ଅନୁଜ ତିୱାରୀ କହିଛନ୍ତି। ଏଥିରେ ହସ୍ପିଟାଲ୍‌ର ଜେନେରାଲ ମ୍ୟାନେଜର-ଆଡମିନିଷ୍ଟ୍ରେସନ୍ ଆଣ୍ଡ ବିଜିନେସ୍ ଡେଭଲପମେଣ୍ଟ ସୋମେନ୍ଦ୍ର ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

